


**ସଂକ୍ଷେପରେ**

## କୋଷାଗୁମୁଡ଼ା ବଜାର କମିଟି ବୈଠକ

କୋଷାଗୁମୁଡ଼ା, ୧୭।୧୦(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ଜୁନାପାଣି ସିଦ୍ଧେଶ୍ୱର ଶିବମନ୍ଦିର ପରିସରରେ ବଜାର କମିଟିର ବୈଠକ ଅନୁଷ୍ଠିତ ହୋଇଛି। କରୋନା ପରେ ବଜାର କମିଟିର ଏହା ପ୍ରଥମ ବୈଠକ। ଉକ୍ତ ବୈଠକରେ କମିଟିର ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଆଲୋଚନା କରାଯାଇଛି। ବଜାର କମିଟି ପକ୍ଷରୁ ଗ୍ରାମରେ କିଛି ଉନ୍ନୟନ କାର୍ଯ୍ୟ କରାଯିବ। ଏଥିସହ ବଜାର କମିଟିକୁ ଶୀଘ୍ର ପଞ୍ଜୀକୃତ କରାଇବା ପାଇଁ ସଭାପତି ପ୍ରଣବ ପଟ୍ଟନାୟକ କହିଥିଲେ। କରୋନାରେ ପ୍ରାଣ ହରାଇଥିବା ୩ଜଣ ବ୍ୟବସାୟୀଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାକୁ ସମ୍ପାଦକ କୃତିବାସ ପରିଡ଼ା ପରିଚାଳନା କରିଥିଲେ। ବୈଠକରେ ବଜାର କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

## ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ



ବିଷମକଟକ, ୧୭।୧୦(ଡି.ଏନ୍.ଏ.)- ରାୟଗଡା ଜିଲା ବିଷମକଟକ ସହରରେ ଜଗଲକ୍ଷ୍ମୀ ପୂଜା ପାଇଁ ରବିବାର ସ୍ଥାନୀୟ ଦୋଳମଣ୍ଡପଠାରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପୂଜା ଆସନ୍ତା ୧୯ରୁ ଆରମ୍ଭ ହୋଇ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୨ ତାରିଖରେ ମା'ଙ୍କୁ ବିସର୍ଜନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଶୁଭଖୁଣ୍ଟ ସ୍ଥାପନ କାର୍ଯ୍ୟକ୍ରମରେ ରାମ ରଥ ଓ କେଶବ ରଥ ପୂଜକ ଭାବେ ଉପସ୍ଥିତ ଥିଲେ। କରୋନା କଟକଣା ମଧ୍ୟରେ ଏହି ପୂଜା କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି। ଶ୍ରଦ୍ଧାଳୁଙ୍କୁ ମା'ଙ୍କ ଦର୍ଶନ ମନା। ବିନା ଭକ୍ତରେ ମା'ଙ୍କ ପୂଜା କରାଯିବ। ଏହି ଶୁଭ ଖୁଣ୍ଟି ସ୍ଥାପନ ସମୟରେ ମା' ଗଜଲକ୍ଷ୍ମୀ ପୂଜା କମିଟିର ଶଙ୍କର୍ଷଣ ରଥ , ଅରବିନ୍ଦ ମହାରଣା, ରାଜକିଶୋର ପଟ୍ଟନାୟକ, ପ୍ରଦୀପ ସାହୁ, ଅଶୋକ ତ୍ରିପାଠୀ, ଡି.ସି. ପ୍ରସାଦ, ଆଲୋକ ଖୁଣ୍ଟିଆ, ଶରତ ଚନ୍ଦ୍ର ଆଚାର୍ଯ୍ୟ, ଅରୁଣ ସାହୁକାର ପ୍ରମୁଖ ଉପସ୍ଥିତ ଥିଲେ।

# 'ଟିଠା ସଂରକ୍ଷଣ ତାଲିକା ସଂଶୋଧନ ନ ହେଲେ କୋର୍ଟ ଯିବୁ'

ନବରଙ୍ଗପୁର,୧୭।୧୦(ବି.ପ୍ର.)

ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନ ପ୍ରକ୍ରିୟା ପାଇଁ ଟିଠା ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ସଂରକ୍ଷଣ ବ୍ୟବସ୍ଥା ଭୁଲ୍ ଥିବା ଦର୍ଶାଇ ବିଭିନ୍ନ ଦଳ ଓ ବ୍ୟକ୍ତିଗତଭାବେ ଅଭିଯୋଗ ପତ୍ର ଲମ୍ବିବାରେ ଲାଗିଛି। ଜିଲା ପଞ୍ଚାୟତ ଅଧିକାରୀଙ୍କ ନିକଟରେ ଅଭିଯୋଗ ଦିଆଯାଉଛି। ୧୮ ପର୍ଯ୍ୟନ୍ତ ଜିଲା ପରିଷଦ ସଂରକ୍ଷଣ ବିରୋଧରେ ଆପତ୍ତି ଦେବାକୁ ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ପିସିସି ରାଜ୍ୟ ଉପସଭାପତି ଭୁଜବଳ ମାଝିଙ୍କ ନେତୃତ୍ୱରେ ଜିଲା କଂଗ୍ରେସ ସଭାପତି



କଂଗ୍ରେସ ନେତା ଓ କର୍ମୀମାନେ ଅଭିଯୋଗ ପତ୍ର ଦେଉଛନ୍ତି।

ମୁନା ତ୍ରିପାଠୀ ଓ ବ୍ଲକ କଂଗ୍ରେସ ସଭାପତିମାନେ ଜିଲା ପରିଷଦ ଆସନ ସଂରକ୍ଷଣ ବ୍ୟବସ୍ଥାକୁ ସଂଶୋଧନ କରିବାକୁ ଦାବି କରିଛନ୍ତି। ଜିଲାରେ ମୋଟ ୨୬ଟି ଜିଲା ପରିଷଦ ଆସନ ରହିଛି। ଗତ ପଞ୍ଚାୟତ ନିର୍ବାଚନରେ ଜିଲାରେ କଂଗ୍ରେସ ଶାସକ ଦଳର ପ୍ରାର୍ଥୀଙ୍କୁ ହରାଇ ୮ଟି ସିଟ୍ ଦଖଲ କରିଥିଲା। ବର୍ତ୍ତମାନ ଉକ୍ତ ସିଟ୍‌ଗୁଡିକୁ ସରକାରୀ ଦଳକୁ ସୁହାଇଲା ଭଳି ସଂରକ୍ଷଣ କରାଯାଇଥିବା ରାଜ୍ୟ ପିସିସି ଉପସଭାପତି ଭୁଜବଳ ମାଝି ଓ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ ଅଭିଯୋଗ ଆଣିଛନ୍ତି। ଆଗାମୀ ଦିନରେ ଯଦି ସଂରକ୍ଷଣ ବ୍ୟବସ୍ଥାକୁ ସରକାର ସଂଶୋଧନ ନ କରନ୍ତି ତାହାଲେ କଂଗ୍ରେସ କୋର୍ଟର ଦ୍ୱାରସ୍ଥ ହେବ ବୋଲି ଚେତାବନୀ ଦେଇଛି।

# କେରଳରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଟିକିରି, ୧୭।୧୦(ଡି.ଏନ୍.ଏ.)

**ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସାଧୀନ ଥିଲେ**

ପରିବାର ପ୍ରତିପୋଷଣ ପାଇଁ କାମ ଅନ୍ୱେଷଣରେ ଯାଇଥିଲେ କେରଳ। କିନ୍ତୁ ବିଧିର ବିଧାନ ଥିଲା କିଛି ଭିନ୍ନ। ସେଠାରେ କାମ ମିଳିବା ଆଗରୁ ମାଡ଼ି ବସିଲା ମୃତ୍ୟୁ। ରାୟଗଡ଼ାରୁ କାମ କରିବାକୁ କେରଳ ଯାଇଥିବା ଯୁବକଙ୍କ ସେଠାରେ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ମୃତକ ହେଲେ ରାୟଗଡ଼ା ଜିଲା କାଶୀପୁର ବ୍ଲକ ଖୁରିଗାଁ ପଞ୍ଚାୟତ ଅମରସିଂଗୁଡ଼ା ଗ୍ରାମର କୃଷ୍ଣ ନାଏକ।

ସୂଚନାନୁଯାୟୀ, କୃଷ୍ଣ ପ୍ରାୟ ସପ୍ତାହ ତଳେ କାମ କରିବାକୁ ଘରୁ କେରଳ ଯାଇଥିଲେ। ସେଠାରେ ସାଙ୍ଗମାନଙ୍କ ପାଖରେ ରହି କାମ ଖୋଜୁଥିଲେ। ଶନିବାର କାମ ଖୋଜିବାକୁ ସେ ସକାଳୁ ବାହାରି ଯାଇଥିଲେ। ଏହି ସମୟରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏମ୍.ଜି. କଭୁ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କୃଷ୍ଣଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ଖବର ଶୁଣି ପରିବାର ଓ ଗ୍ରାମବାସୀ ଦୁଃଖିତ ଅଛନ୍ତି। ପରିବାର ଲୋକେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ମୃତଦେହ ଗାଁକୁ ଆଣିବା ତାଙ୍କ ପାଇଁ କଷ୍ଟକର। ତେଣୁ ସରକାର ମୃତଦେହ ଗାଁକୁ ଆଣିବାରେ ସହଯୋଗ କରନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

# ଡାକ୍ତରଖାନା ବୁଲିଲେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଟିମ୍

ପଦ୍ମପୁର,୧୭।୧୦(ଡି.ଏନ୍.ଏ.)-

**ନଭେମ୍ବରରେ ଆସିବେ ସିଆର୍‌ଏମ୍ ଟିମ୍**

ସ୍ୱାସ୍ଥ୍ୟ ବିଭାଗର କେନ୍ଦ୍ରୀୟ ତଦନ୍ତକାରୀ ଦଳ ସିଆର୍‌ଏମ୍(କମନ୍ ରିଭ୍ୟୁ ମିଶନ) ଟିମ୍ ନଭେମ୍ବରରେ ରାୟଗଡ଼ା ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ତଦନ୍ତ ନିମନ୍ତେ ଆସୁଥିବା ଜଣାପଡ଼ିଛି। ଏହାକୁ ନେଇ ରାୟଗଡ଼ା ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ସଜାଗ ହେଉଥିବା ଦେଖିବାକୁ ମିଳିଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍ ଜିଲାର ରାଜ୍ୟ ପ୍ରତିନିଧି ଦଳରେ ଡା. ଏସ୍. ସ୍ୱାଇଁ(ଏଡି, ଏନ୍‌ସିଡି), ଡା. ଦୀନବନ୍ଧୁ ସାହୁ(ଟିଏଲ୍-ଏସ୍‌ଏଚ୍‌ଏସ୍‌ଆର୍‌ସି), ଏ. କେ. ପ୍ରଧାନ(ଏସ୍‌ପିଏମ୍-ଏନ୍‌ଏଚ୍‌ଏମ୍), ସନ୍ତୋଷ ନାୟକ (କନ୍‌ସଲଟାଣ୍ଟ -ପିପିପି), ଦୀପକ ପଟ୍ଟନାୟକ, ଡିଏମ୍‌ଆର୍‌ସିଏଚ୍ ଭଗବାନ ମେହେରଙ୍କ ସମେତ ଜିଲା ସ୍ୱାସ୍ଥ୍ୟ ବିଭାଗର ଅନ୍ୟ ଅଧିକାରୀମାନେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସି ରୋଗୀଙ୍କୁ କିଭଳି ଚିକିତ୍ସା ସେବା ମିଳୁଛି, ଗର୍ଭବତୀଙ୍କୁ ସେବା, ନିରାମୟ ସେବା ଆଦି ବିଷୟରେ ବୁଝିଥିଲେ। ବିଶେଷକରି ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ।



ପଦ୍ମପୁର ଡାକ୍ତରଖାନାରେ ସ୍ୱାସ୍ଥ୍ୟବିଭାଗର ଅଧିକାରୀ ଓ ଅନ୍ୟମାନେ ।

ସମସ୍ତ ମେଡିକାଲ ପରିଦର୍ଶନ କରୁଛନ୍ତି। ସିଆର୍‌ଏମ୍ ଟିମ୍ ଗସ୍ତ ପୂର୍ବରୁ ଅକ୍ଟୋବର ୧୬, ୧୭ ଏବଂ ୧୮ରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଭିତ୍ତିଭୂମି ଏବଂ ରୋଗୀସେବା ପରଖିବେ। ଶନିବାର ବିଶ୍ୱାଳ(ଏନ୍‌ଆଇପିଆଇ) ପ୍ରଥମ ପର୍ଯ୍ୟାୟରେ ପଦ୍ମପୁର, ଗୁଣପୁର, ରାମନାଗୁଡ଼ା ବ୍ଲକ ଅଧୀନ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି ଓ ସିଏଚ୍‌ସି) ପରିଦର୍ଶନ କରିଥିଲେ। ଟିମ୍ ସହ ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକ, ଡିପିଏମ୍‌ଓ ରାଜେଶ ସେହିପରି ଆଖୁସିଂ, କେନ୍ଦୁଗୁଡ଼ା ଓ ଦୁର୍ଗମ ତେମ୍ବାଗୁଡ଼ା ପିଏଚ୍‌ସି ପରିଦର୍ଶନ କରିଥିଲେ। ୧୭ରେ ମୁନିଗୁଡ଼ା ଓ ବିଷମକଟକ ଏବଂ ୧୮ରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କାର୍ଯ୍ୟକ୍ରମ ରହିଛି।

## ବ୍ଲକସ୍ତରୀୟ ଶିକ୍ଷକ ସଂଘ କର୍ମକର୍ତ୍ତା ଚୟନ



ଝରିଗାଁ, ୧୭।୧୦(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଏକମ୍ବା (ଖ) ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଶିକ୍ଷକ ସଂଘ କର୍ମକର୍ତ୍ତା ଚୟନ କରାଯାଇଛି। ଉମରକୋଟ ବ୍ଲକ ସଂଘ କର୍ମକର୍ତ୍ତା ସାନଧର ମାଝି, ରାଜମନ ଭତରା, ଲକ୍ଷ୍ମଣ ସରକାର ଏବଂ ବରିଷ୍ଠ ଶିକ୍ଷକ ଉମାଶଙ୍କରଙ୍କ ସମେତ ୧୪୭ ଶିକ୍ଷକ ଉପସ୍ଥିତ ଥିଲେ। ଜୟରାମ ଭତରା ସଭାପତି, ସାହେବ ସାନ୍ତା, ପୀତାମ୍ବର ହରିଜନ, ନାରାୟଣ ହାଲଦାର ଉପସଭାପତି, ଉମାଶଙ୍କର ମେହେର ସମ୍ପାଦକ, କ୍ଷମା ହରିଜନ ସହସମ୍ପାଦକ, ଚୈତନ୍ୟ ଗଣ୍ଡ କ୍ୟାଶିୟର, ପୀତମ ପନକା ଜିଲା ସଂଯୋଜକ, ଜୟକୃଷ୍ଣ ଗଣ୍ଡ ଉପଦେଷ୍ଟାଭାବେ ମନୋନୀତ ହୋଇଛନ୍ତି। ଯୋଗେନ୍ଦ୍ର ଭତରା, ଅନନ୍ତ ମଣ୍ଡଳ, ପ୍ରେମ ଦାସ ପନକା, ସମର ବିଶ୍ୱାସଙ୍କ ସମେତ ବ୍ଲକର ୨୦ଟି କ୍ଲଷ୍ଟରରୁ ଜଣେ ଲେଖାଏ ସଭ୍ୟ ଯଥା -ଚାଟାରୁ ସୁରଜ ହରିଜନ, ଇଚ୍ଛାପୁରରୁ ରଘୁନାଥ ଗଣ୍ଡ ମନୋନୀତ ହୋଇଥିଲେ।

# ନାବାଳିକାଙ୍କୁ ଅପହରଣ କରି ବଳାତ୍କାର

ପାପଡାହାଣ୍ଡି,୧୭।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଅଟକ ରଖିଛି। ସେମାନେ ହେଲେ ସେମଳା ଗ୍ରାମର ସନ୍ତୋଷ ଟାକ୍ରୀ ଓ ଉମେଶ ହରିଜନ। ନାବାଳିକା ଜଣକ ୧୦ ତାରିଖରେ ସ୍କୁଲ ନିକଟ ପଡିଆକୁ ଶୌଚ ହେବାକୁ ଯାଇଥିବାବେଳେ ଉଭୟ ସନ୍ତୋଷ ଓ ଉମେଶ ତାଙ୍କୁ ଅପହରଣ କରି ଏକ କାରରେ କୋରାପୁଟ ଜିଲା ସୁନାବେଡାକୁ ନେଇ ଯାଇଥିଲେ। ସେଠାରେ ସନ୍ତୋଷ ତାଙ୍କୁ ବଳାତ୍କାର କରିଥିଲେ। ୧୪ ତାରିଖରେ ସେମାନେ ସେମଳା ଗ୍ରାମକୁ ଫେରିବା ପରେ ନାବାଳିକାଙ୍କ ପରିବାର ଲୋକେ ସେଠାରୁ ଝିଅଙ୍କୁ ଉଦ୍ଧାର କରିଥିଲେ। ପୀଡିତାଙ୍କଠାରୁ ସମସ୍ତ ଖବର ଜାଣିବାପରେ ଶନିବାର ନାବାଳିକାଙ୍କ ମା' ମଇଦଲପୁର ଫାଣ୍ଡିରେ ଏତଲା ଦେଇଥିଲେ। ପୋଲିସ କେସ ନମ୍ବର ୧୬୦/୨୧ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।




# ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷଣ ଦାବି

ଗୁଣପୁର,୧୭।୧୦(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲାର ବିଭିନ୍ନ ଜିଲା ପରିଷଦ ସଭ୍ୟ ଆସନ ନିମନ୍ତେ ସଂରକ୍ଷିତ ତାଲିକା ପ୍ରକାଶ ପାଇଥିଲା। ଏହିକ୍ରମରେ ରାୟଗଡ଼ା ଜିଲା ଗୁଣପୁର ବ୍ଲକରେ ରହିଥିବା ଦୁଇଟି ଜିଲା ପରିଷଦ ଜୋନ୍ ପାଇଁ ମଧ୍ୟ ଆସନ ତାଲିକା ପ୍ରକାଶ ପାଇଛି। ଗୁଣପୁର 'କ' ଜୋନ୍ ପାଇଁ ପ୍ରକାଶ ପାଇଥିବା ତାଲିକାରେ ପଛୁଆ ବର୍ଗଙ୍କ ପାଇଁ ସରକ୍ଷିତ ରହିଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଜୋନ୍‌ରେ ରହୁଥିବା ପଞ୍ଚାୟତ ପ୍ରତିନିଧିଙ୍କ ମଧ୍ୟରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ଜୋନ୍ ଅଧୀନରେ ଥିବା କେତୋଟି ପଞ୍ଚାୟତର ସରପଞ୍ଚମାନେ ଇମେଲ୍ ଯୋଗେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ପ୍ରକାଶ ପାଇଥିବା ସଂରକ୍ଷିତ ତାଲିକାକୁ ପରିବର୍ତ୍ତନ ପାଇଁ ସେମାନେ ଦାବି କରିଛନ୍ତି। ଏହି ଜୋନ୍‌ରେ ୧୧ ପଞ୍ଚାୟତ ଯଥା ଆବାଡ଼ା, ଶଗଡ଼ା, ପୁଟାସିଂ, ଟଲଣା, ଜଲତାର, ଉମ୍ବସରା, ଘନାନ୍ତ୍ରୀ, ଚାଲକମ୍ବା, ବାବଶଳା, ଟିଟିମିରି ଏବଂ ଭୀମପୁର ରହିଛି। ସେଥିମଧ୍ୟରୁ ୫ଟି ପଞ୍ଚାୟତ ଯଥା ଆବାଡ଼ା, ଶଗଡ଼ା, ପୁଟାସିଂ, ଟଲଣା ଏବଂ ଜଲତାର ଅଞ୍ଚଳରେ ଆଦିମ ଅଦିବାସୀ ଲାଞ୍ଜିଆ ସୌରା ଲୋକମାନେ ବସବାସ କରୁଛନ୍ତି। ସେମାନଙ୍କ ଲୋକ ସଂଖ୍ୟା ଅଧିକ ରହିଛି। ଏଭଳି ସ୍ଥଳେ କାହିଁକ ସଂରକ୍ଷିତ ଆସନ ପଛୁଆ ବର୍ଗଙ୍କ ପାଇଁ ରଖାଗଲା ବୋଲି ପ୍ରଶ୍ନ କରିଛନ୍ତି। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏହି ଜୋନ୍ ଆଦିବାସୀ ମହିଳାଙ୍କ ନିମନ୍ତେ ଉଦ୍ଦିଷ୍ଟ ରହିଥିଲା। ହେଲେ ଏଥର ପ୍ରକାଶ ପାଇଥିବା ତାଲିକାରେ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ଏହାକୁ ନେଇ ଇମେଲ୍ ଜରିଆରେ ଆବାଡ଼ା ସରପଞ୍ଚ ସଙ୍ଗିତା ଭୂୟାଁ, ଶଗଡ଼ା ସରପଞ୍ଚ ଜିତେନ୍ଦ୍ର ଶବର, ପୁଟାସିଂ ସରପଞ୍ଚ ମେରି ଦଳବେହେରା, ଟଲଣା ସରପଞ୍ଚ ଇନାନ ଶବର, ଏବଂ ଜଲତାର ସରପଞ୍ଚ ଡାପାନ ଶବର ଏହି ଜୋନ୍‌କୁ ଆଦିବାସୀଙ୍କ ପାଇଁ ସରକ୍ଷଣ କରିବାକୁ ଦାବି କରିଛନ୍ତି।



## ସଂକ୍ଷେପରେ

### ବାଲିମେଳା ଜଳବିଦ୍ୟୁତ୍ କେନ୍ଦ୍ରର ସିକ୍ୟୁରିଟି ଗାର୍ଡ ନିଖୋଜ

କୋରୁକୋଣ୍ଡା ୧୭।୧୦(ଡି.ଏନ. ଏ.)- ମାଲକାନଗିରି ଜିଲା ବାଲିମେଳା ସହରରେ ଥିବା ଜଳବିଦ୍ୟୁତ୍ କେନ୍ଦ୍ରରେ କାର୍ଯ୍ୟ କରୁଥିବା ଠିକାସଂସ୍ଥାର ଜଣେ ସିକ୍ୟୁରିଟି ଗାର୍ଡ ଶନିବାର ସନ୍ଧ୍ୟାରୁ ନିଖୋଜ ହୋଇଯାଇଛନ୍ତି। ସେ ହେଉଛନ୍ତି ମାନସ ପଟ୍ଟନାୟକ। ବାଲିମେଳା ପାୱାର ହାଉସରୁ ସୋଲୋକଣ୍ଡ ବ୍ୟାରେଜକୁ ସଂଯୋଗ କରୁଥିବା ଏକ କେନାଲ ନିକଟରୁ ତାଙ୍କ ବାଇକ୍ (ଓଡି ୩୦ ସି୮୭୩୫) ମିଳିଛି। ଏଥିରେ ତାଙ୍କ ମୋବାଇଲ ଫୋନ ରହିଥିବା ବେଳେ ତାଙ୍କ ଚପଲ କେନାଲ ତୋଟାଠାରୁ ମିଳିଛି। ମାନସ ଓଏଚ୍‌ପିସି ଠିକା ସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିଲେ। ଏନେଇ ସ୍ଥାନୀୟ ଲୋକେ ଓର୍କେଲ ପୋଲିସକୁ ସୂଚନା ଦେବା ପରେ ପୋଲିସର ଏକ ଟିମ୍ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ସ୍ଥାନୀୟ ଅଗ୍ନିଶମ ବାହିନୀ କର୍ମଚାରୀ ଶନିବାର ଓ ରବିବାର ଜଳଭଣ୍ଡାରରେ ତାଙ୍କ ମୃତଦେହ ଖୋଜାଖୋଜି କରିଥିଲେ ମଧ ଖବର ଲେଖା ହେବାଯାଏ ନିଖୋଜ ମାନସଙ୍କ କୌଣସି ସନ୍ଧାନ ମିଳିପାରିନାହିଁ।

### ଗୋଟିଏ ଦିନରେ ୨ ମହିଳାଙ୍କ ମୃତ୍ୟୁ

କାଲିମେଳା,୧୭।୧୦(ଡି.ଏନ୍.ଏ.)- ମାଲକାନଗିରି ଜିଲା କାଲିମେଳା ବ୍ଲକ ଟିଗଲ ପଞ୍ଚାୟତ ତଥା ଏମ୍‌ଭି-୭୯ ଥାନା ଅନ୍ତର୍ଗତ ଏମ୍‌ପିଭି-୬୫ ଗ୍ରାମରେ ଗୋଟିଏ ଦିନରେ ଭିନ୍ନ ଭିନ୍ନ କାରଣରୁ ୨ଜଣ ମହିଳାଙ୍କ ମୃତ୍ୟୁ ହୋଇଛି। ଗୁରୁବାର ଏମ୍‌ପିଭି-୬୫ ଗ୍ରାମର ଖୁକନ ମଣ୍ଡଳଙ୍କ ସ୍ତ୍ରୀ ଯମୁନା ମଣ୍ଡଳ(୪୦)ଙ୍କୁ ଏକ ବିଷଧର ସାପ କାମୁଡିଦେବାରୁ ତାଙ୍କୁ ପରିବାର ଲୋକେ କାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣୁଥିବା ସମୟରେ ଯମୁନାଙ୍କ ମୃତ୍ୟୁ ହୋଇଛି। ଯମୁନା କୌଣସି କାମରେ ଗ୍ରାମ ଭିତରକୁ ଯାଇ ନିଜ ଘରକୁ ଫେରୁଥିବା ବେଳେ ରାସ୍ତାରେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ଏ ସମ୍ପର୍କରେ ସେ ପରିବାର ଲୋକଙ୍କୁ କହିବା ପରେ ପରିବାର ଲୋକେ ଏକ ଅଟୋଯୋଗେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଆଣୁଥିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେହି ଦିନ ଗ୍ରାମର ଜଣେ ବିବାହିତା ମହିଳାଙ୍କ ସନ୍ଦେହଜନକ ଭାବେ ଝୁଲନ୍ତା ଅବସ୍ଥାରେ ମୃତଦେହ ଏମପିଭି-୬୫ ଗାଁଠାରୁ ୨ଶହ ମିଟର ଦୂର ଜଙ୍ଗଲ ଭିତରୁ ମିଳିଥିଲା। ମୃତ ମହିଳା ଜଣକ ଗ୍ରାମର ପ୍ରଶାନ୍ତ ମଣ୍ଡଳଙ୍କ ସ୍ତ୍ରୀ ଦୀପିକା ମଣ୍ଡଳ ବୋଲି ଜଣାପଡିଛି। ଦିପିକା ସକାଳେ ନିଜଘରେ ଥିବା ବେଳେ ଅପରାହ୍ନ ୩ଟାରେ ଘରୁ କୁଆଡେ ନିଖୋଜ ହୋଇଯାଇଥିଲେ। ଏ ନେଇ ପରିବାର ଲୋକେ ଏବଂ ସମ୍ପର୍କୀୟ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ୪ଟାରେ ଜଙ୍ଗଲ ଭିତରେ ଦିପିକା ପିନ୍ଧିଥିବା ଶାଢି ବେକରେ ବାନ୍ଧି ଝୁଲୁଥିବା ଦେଖିବାକୁ ମିଳିଥିଲା। ଏମ୍‌ଭି-୭୯ ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାର ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ଜୟପ୍ରକାଶ ନାରାୟଣ ହୋତା କହିଛନ୍ତି।

### କୋରାପୁଟରେ ମା'ଙ୍କୁ ମେଲାଣି

କୋରାପୁଟ,୧୭।୧୦(ସ୍ୱ.ପ୍ର.) - କୋରାପୁଟ ସହରର ବିଭିନ୍ନ ସ୍ଥାନରେ ହୋଇଥିବା ଦୁର୍ଗାପୂଜା ଶେଷ



ହୋଇଛି। ରବିବାର ମା'ଙ୍କ ଭସାଣୀ ଯାତ୍ରା ସଂପନ୍ନ ହୋଇଛି। ଜିଲା ପୋଲିସ ପକ୍ଷରୁ ସ୍ଥାନୀୟ ପୋଲିସ ପଡିଆଠାରେ କରାଯାଇଥିବା ପୂଜା ରିର୍ଜଭ ଇନ୍ସପେକ୍ଟର ସୁବାଷ ଚନ୍ଦ୍ର ନାୟକଙ୍କ ତତ୍ୱାବଧାନରେ ବିସର୍ଜନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପୋଲିସ ବିଭାଗର ବହୁ କର୍ମଚାରୀ ସାମିଲ ହୋଇଥିଲେ। ମା'ଙ୍କ ମେଢକୁ ସହର ପରିକ୍ରମା କରାଯାଇ କୋଲାବ ଡ୍ୟାମରେ ବିସର୍ଜନ କରାଯାଇଥିଲା। ସେହିପରି ବସଷ୍ଟାଣ୍ଡଠାରେ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ହୋଇଥିବା ଦୁର୍ଗାଙ୍କ ସମେତ ସହରର ଅନ୍ୟ ସ୍ଥାନରେ ହୋଇଥିବା ପୂଜା ମଣ୍ଡପର ଦୁର୍ଗା ମେଢଗୁଡିକୁ ସହର ପରିକ୍ରମା କରାଯାଇ କୋଲାବ ଜଳଭଣ୍ଡାରରେ ବିସର୍ଜନ କରାଯାଇଛି।

# ଜମି ପଟ୍ଟାରେ ବଦଳିଯାଇଛି ଜାତିଗତ ପ୍ରମାଣପତ୍ର

**ଭୁଲ୍ ସୁଧାରିବାକୁ ପ୍ରଶାସନ ନିକଟକୁ ଦୌଡୁଛନ୍ତି ଗ୍ରାମବାସୀ**

- ଜମିପଟ୍ଟାରେ ଜାତି ହାଲ୍‌ବା ବଦଳରେ ଗୌଡ ହୋଇ ଯାଇଛି
- ଆଧାର ଓ ଭୋଟର କାର୍ଡରେ ହାଲ୍‌ବା ରହିଛି
- ରିଭିଜନ୍ କେସ୍ ଫାଇଲ୍ କରିବାକୁ ପଡିବ: ଅତିରିକ୍ତ ଜିଲାପାଳ

ମାଲକାନଗିରି,୧୭।୧୦(ଡି.ଏନ.ଏ.)

ରାଜ୍ୟ ସରକାର ଗରିବ ଆଦିବାସୀଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସେମାନେ ଯୋଜନାଗୁଡ଼ିକରୁ କିପରି ଉପକୃତ ହେବେ ସେଥିପ୍ରତି ଗୁରୁତ୍ୱ ଦେଉଛନ୍ତି। ମାତ୍ର କେତେକ କ୍ଷେତ୍ରରେ ପ୍ରଶାସନିକ ଉଦାସୀନତା ଲାଗି ଆଦିବାସୀ ଲୋକେ ବିଭିନ୍ନ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଜମି ପଟ୍ଟାରେ ଥିବା ସେମାନଙ୍କ ଜାତି ସହ ଆଧାର ଓ ଭୋଟର କାର୍ଡରେ ଥିବା ଜାତି ମିଶୁ ନ ଥିବାରୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଡୁଡାମେଟା ପଞ୍ଚାୟତର ଡଙ୍ଗାଗୁଡା ଗ୍ରାମବାସୀଙ୍କ କ୍ଷେତ୍ରରେ।

ଡଙ୍ଗାଗୁଡା ଗ୍ରାମରେ ୧୫ରୁ ଉର୍ଦ୍ଧ୍ୱ ପରିବାର ପ୍ରାୟ ୬୦ ବର୍ଷରୁ ଅଧିକ ସମୟ ଧରି ରହି ଆସିଛନ୍ତି। ୧୯୬୦ରୁ ୧୯୬୨ ମଧ୍ୟରେ ଗ୍ରାମବାସୀଙ୍କୁ ପଟ୍ଟା ଦେବା ପାଇଁ ସର୍ଭେ କରାଯାଇଥିଲା। ୧୯୬୬ରେ ଏହି ଗ୍ରାମବାସୀଙ୍କୁ ପଟ୍ଟା ମିଳିଥିଲା। ମାତ୍ର ପଟ୍ଟା ଦେବା ସମୟରେ ଅନେକ ଲୋକଙ୍କ ଜମିପଟ୍ଟାରେ ଜାତି ହାଲ୍‌ବା ବଦଳରେ ଗୌଡ଼ ହୋଇ ଯାଇଥିଲା। ଫଳରେ ଏ ପର୍ଯ୍ୟନ୍ତ ସେମାନଙ୍କ ସମସ୍ୟାର ସମାଧାନ ହେଉନାହିଁ। ସେମାନଙ୍କ ଆଧାର କାର୍ଡ, ଭୋଟର କାର୍ଡରେ ହାଲ୍‌ବା ରହିଥିବା ବେଳେ ଜମି ପଟ୍ଟାରେ ଗୌଡ଼ ଥିବାରୁ ଗ୍ରାମବାସୀ ଅନେକ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଆଧାର କାର୍ଡ, ଭୋଟର କାର୍ଡ ସହିତ ଜମି ପଟ୍ଟାରେ ଥିବା ଜାତି ମିଶୁ ନ ଥିବାରୁ ଧାନ ମଣ୍ଡିରେ କାର୍ଡ ତିଆରି, ପିଲାଙ୍କୁ ଶିକ୍ଷା, ଭତ୍ତା ଭଳି ଅନେକ ସରକାରୀ ଯୋଜନାରୁ ସେମାନେ ବଞ୍ଚିତ ହେଉଛନ୍ତି। ଏହି ସମସ୍ୟା ସମ୍ପର୍କରେ ଅନେକ ଥର ସରକାରୀ କର୍ମଚାରୀଙ୍କୁ ଭେଟି ଜଣାଇଥିଲେ ମଧ ଏଯାଏ କିଛି ସୁଫଳ ମିଳିନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୧୯୬୬ରୁ ଏପର୍ଯ୍ୟନ୍ତ ଗ୍ରାମବାସୀଙ୍କ ସମସ୍ୟା ଦୂର ହେଉନାହିଁ। ଏନେଇ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଯେହେତୁ ଏହା ସେଟେଲ୍‌ମେଣ୍ଟ ପଟ୍ଟା ହୋଇଥିବାରୁ ସମ୍ପୃକ୍ତ ବ୍ୟକ୍ତି ଜଣେ ଆଇନଜୀବୀଙ୍କ ଜରିଆରେ ଏକ ରିଭିଜନ୍ କେସ୍ ଜିଲାପାଳଙ୍କ ନିକଟରେ ଫାଇଲ୍ କଲେ ତା'ର ସମାଧାନ ହୋଇପାରିବ।



ଜମି ପଟ୍ଟାରେ ହୋଇଥିବା ଭୁଲ୍‌କୁ ଗ୍ରାମବାସୀ ଦେଖାଉଛନ୍ତି।

## କଂଗ୍ରେସରେ ମିଶିଲେ ୩୦ ବିଜେଡି କର୍ମୀ

ରାୟଗଡା ଅଫିସ, ୧୭।୧୦

ରାୟଗଡା ଜିଲା ବିଷମକଟକ ନିର୍ବାଚନମଣ୍ଡଳୀ କଲ୍ୟାଣସିଂହପୁର ବ୍ଲକର ୩୦ ବିଜେଡି କର୍ମୀ କଂଗ୍ରେସରେ ମିଶିଛନ୍ତି। ଦଳୀୟ ନେତା ଆପଲ କାଡ୍ରାକାଙ୍କ ବାସଭବନରେ ଏହି ମିଶ୍ରଣ ପର୍ବ କରାଯାଇଛି। ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳକୁ ଜିତାଇବାରେ ଏହି କର୍ମୀମାନେ ସହାୟକ ହେବେ ବୋଲି କଂଗ୍ରେସ ବ୍ଲକ ସଭାପତି ଦୁର୍ଗା ପଣ୍ଡା କହିଛନ୍ତି। କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ପାର୍ଥବର୍ଦ୍ଧନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ରାଇଘର-ଉମରକୋଟ ମୁଖ୍ୟରାସ୍ତାରେ ପୁଣି ଭାଲୁ

ରାଇଘର,୧୭।୧୦(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଉମରକୋଟ-ରାଇଘର ମୁଖ୍ୟରାସ୍ତାର ମଧ୍ୟସ୍ଥଳରେ ପୁଣି ଭାଲୁ ଦେଖିବାକୁ ମିଳିଛି। ପୂର୍ବରୁ ଦୁଇ ଭାଲୁ ଫୁଟ୍‌ବଲ ଖେଳୁଥିବା ଦେଖିବାକୁ ମିଳିଥିବାବେଳେ ଏବେ ମକା ଓ ଧାନ ଜମି ମଧରେ ପଶି ରହିଥିବା ଦେଖିବାକୁ ମିଳୁଛି। ଭାଲୁ ଥିବା ଯୋଗୁ ସ୍ଥାନୀୟ ଅଞ୍ଚଳବାସୀ ରାସ୍ତାରେ ଯିବାକୁ ଭୟ କରୁଛନ୍ତି। ସୂଚନା ଅନୁଯାୟୀ, ରାଇଘର-ଉମରକୋଟ ମୁଖ୍ୟରାସ୍ତାର ବେହେଡ଼ା ତାରିଣୀ ମନ୍ଦିରଠାରୁ କିଛି ଦୂରରେ ରହିଥିବା ଜଙ୍ଗଲ ମଧ୍ୟରେ ଦୁଇଟି ଭାଲୁ ବୁଲୁଛନ୍ତି। ଦୁଇ ଭାଲୁ କେତେବେଳ ରାସ୍ତା ଉପରେ ଆଉ କେତେବେଳେ ମକା ଓ ଧାନ ଜମିରେ ପଶୁଛନ୍ତି। ବନ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେବାକୁ ଦାବି ହୋଇଛି। ଅପରପକ୍ଷରେ ରାଇଘର ବ୍ଲକ ଛତିଶଗଡ଼ ସୀମାନ୍ତ ଅଞ୍ଚଳରେ ହାତୀପଲ ଅନେକ ଫସଲ ନଷ୍ଟ କରିଥିବାବେଳେ ଏବେ ଉମରକୋଟ-ରାଇଘର ମୁଖ୍ୟରାସ୍ତାରେ ପ୍ରତେକ ସମୟରେ ଭାଲୁ ଯୋଗୁ ଲୋକଙ୍କ ଯାତାୟାତରେ ସମସ୍ୟା ଉପୁଜୁଛି।

# ଜିଲା ପରିଷଦ ଜୋନ୍ ସଂରକ୍ଷଣ ତାଲିକାକୁ ନେଇ ଅସନ୍ତୋଷ

ରାୟଗଡ଼ା ଅଫିସ,୧୬।୧୦

ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଜିଲା ପରିଷଦ ଜୋନ୍ ସଂରକ୍ଷଣ ତାଲିକା କିଛିଦିନ ତଳେ ପ୍ରକାଶ ପାଇଛି। ଏଥିରେ ରାୟଗଡ଼ା ଜିଲା କାଶୀପୁର ବ୍ଲକର ୩ ଜିଲା ପରିଷଦ ଜୋନ୍‌ରୁ ଗୋଟିଏ ହେଲେ ଆସନ ଆଦିବାସୀ ବର୍ଗ ଲୋକଙ୍କ ପାଇଁ ସଂରକ୍ଷଣ ନ ଥିବାରୁ ପୁନଃ ବିଚାର ପାଇଁ ଏକ ଦାବିପତ୍ର ଆଦିବାସୀ ସମାଜ ପକ୍ଷରୁ ପଞ୍ଚାୟତ ଅଧିକାରୀ ରାମକୃଷ୍ଣ ଗଣ୍ଡଙ୍କୁ ପ୍ରଦାନ କରାଯାଇଛି। ଆଇନଜୀବୀ ଉପେନ୍ଦ୍ର ମାଝିଙ୍କ ସହଯୋଗରେ ସେମାନେ ପଞ୍ଚାୟତ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ପ୍ରକାଶିତ ତାଲିକା ଅନୁଯାୟୀ, କାଶୀପୁର 'କ' ଜୋନ୍ ଅନସୂଚିତ ଜାତ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ସେହିପରି 'ଖ' ଜୋନ୍ ଉଭୟ ମହିଳା ଏବଂ ପୁରୁଷଙ୍କ ପାଇଁ ଏବଂ 'ଗ' ଜୋନ୍ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। କାଶୀପୁରରେ ସର୍ବାଧିକ ଆଦିବାସୀ ଲୋକ ବସବାସ କରୁଥିବାବେଳେ ଜିଲା ପରିଷଦ ଆସନ କାହିଁକି ସଂରକ୍ଷିତ ରହିନାହିଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏଥିସହ ସମସ୍ତ ୩ ଜୋନରେ ଆଦିବାସୀଙ୍କ ପାଇଁ ସ୍ଥାନ ସଂରକ୍ଷଣ ରଖିବା ନିମନ୍ତେ ଦାବି କରିଛନ୍ତି। ନଚେତ ନିର୍ବାଚନ କରାଇ ଦେବୁନାହିଁ ବୋଲି କହିଛନ୍ତି। ଦାବିପତ୍ର ପ୍ରଦାନବେଳେ ଶିବରାମ ମାଝି, ସଦା ମାଝି, ଗଜେନ୍ଦ୍ର ମାଝି ଉପସ୍ଥିତ ଥିଲେ।



ଆଦିବାସୀ ସମାଜ ପକ୍ଷରୁ ପଞ୍ଚାୟତ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଅକ୍ସିଜେନ ସିଲିଣ୍ଡର, ଅକ୍ସିମିଟର ବ୍ୟବହାର ପ୍ରଶିକ୍ଷଣ

ରାୟଗଡା ଅଫିସ, ୧୭।୧୦




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ସେବା ଭାରତୀ ଆନୁକୂଲ୍ୟରେ ରବିବାର ରାୟଗଡ଼ାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ସ୍ୱାମୀ ଚୈତନ୍ୟ ରାମଜୀ, ଆରୋଗ୍ୟ ଭାରତୀର ଡ. ରମେଶ ଚନ୍ଦ୍ର ମିଶ୍ର, ପ୍ରାନ୍ତସେବା ପ୍ରମୁଖ ଦୀପକ କୁମାର ରାଉତ, ଜିଲା ସେବା ପ୍ରମୁଖ ବାମଦେବ ପଟ୍ଟନାୟକ ମଞ୍ଚାସୀନ ଥିଲେ। କରୋନାରୁ କିପରି ରକ୍ଷା ମିଳିବ ସେ ସମ୍ପର୍କରେ ଅତିଥିମାନେ ମତ ଦେଇଥିଲେ। ଡ. ରମେଶ ଚନ୍ଦ୍ର ମିଶ୍ର ଭାରତୀୟ ଜୀବନ ପଦ୍ଧତି ଏବଂ ଆୟୁର୍ବେଦ ସାହାଯ୍ୟରେ କିଭଳି କରୋନାରୁ ରକ୍ଷା ପାଇହେବ ସେ ସମ୍ପର୍କରେ କହିଥିଲେ। ବାମଦେବ ପଟ୍ଟନାୟକ ଜିଲାରେ ଚାଲୁଥିବା ବିଭିନ୍ନ ସେବା କାର୍ଯ୍ୟକ୍ରମ ବିଷୟରେ ବୁଝାଇଥିଲେ। ନଗର ସେବା ପ୍ରମୁଖ ଶଶୀ ଭୂଷଣ ହୋତା ଅକ୍ସିଜେନ ସିଲିଣ୍ଡର, କନ୍‌ସେନ୍‌ଟ୍ରେଟର, ଅକ୍ସମିଟରର ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ରାୟଗଡ଼ାର ଘରେ ଘରେ ବିନା ମୂଲ୍ୟରେ ଔଷଧ, ଅକ୍ସିଜେନ ସିଲିଣ୍ଡର ଓ ଅକ୍ସିମିଟର ସେବା ଭାରତୀ କର୍ମକର୍ତ୍ତାଙ୍କ ଦ୍ୱାରା ପହଞ୍ଚାଯିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ସକ୍ଷମ ପ୍ରାନ୍ତ ସଚିବ ରାମଚନ୍ଦ୍ର ସାହୁ, ପ୍ରାନ୍ତ କୁଟୁମ୍ବ ପ୍ରବନ୍ଧକ ଜନ୍ମେଜୟ ପାଣିଗ୍ରାହୀ, ବିଜୟ ମିଶ୍ର ଅତିଥିଭାବେ ଯୋଗଦେଇଥିଲେ। ବ୍ୟବସ୍ଥାରେ ବିଦ୍ୟାଭୂଷଣ ପଣ୍ଡା, ଶ୍ୟାମ ଦାଶ, ଅଜୟ ଚୁଲେଟ, ପି.ମୁରଲୀ, ଆଶିଷ ସିନା, ସନ୍ତୋଷ ସାହୁ, ଟି. ନାଗରାଜୁ, ଜଗଦିଶ ସୁନାରି, ସୁଶାନ୍ତ ମିଶ୍ର, ରାଜେଶ ପାଣିଗ୍ରାହୀ, ବିଶ୍ୱ ହିନ୍ଦୁ ପରିଷଦର କିଶୋର ସାହୁ, ରଜତ ରଞ୍ଜନ ଖଟୁଆ, ଭବାନୀ ମିଶ୍ର, ଶୁଭେନ୍ଦୁ ଧଳ, ସୁରେନ୍ଦ୍ର ସାହୁ ସହଯୋଗ କରିଥିଲେ।

## ସାଧାରଣ ଲୋକଙ୍କୁ ଅତିଷ୍ଠ କରୁଛି ଦରବୃଦ୍ଧି

କୋଟପାଡ଼,୧୭।୧୦(ଡି.ଏନ.ଏ.)

ରାଜ୍ୟରେ ଦିନକୁ ଦିନ ଯେପରି ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧି ଘଟୁଛି ସେଥିରେ ସାଧାରଣ ଲୋକେ ଅତିଷ୍ଠ ହୋଇପଡିଲେଣି। ତୈଳଦର ବୃଦ୍ଧିକୁ ନେଇ ବିଭିନ୍ନ ଖାଉଟି ସାମଗ୍ରୀର ଅହେତୁକ ଦର ବୃଦ୍ଧି ଘଟୁଛି। କୋରପୁଟ ଜିଲା କୋଟପାଡ଼ ଅଞ୍ଚଳରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୬୭ ପଇସା ଥିବାବେଳେ ପ୍ରିମିୟମ ପେଟ୍ରୋଲ ୧୧୪ ଟଙ୍କା ୫୬ପଇସା ରହିଛି। ସେହିପରି ଡିଜେଲ ଲିଟର ପିଛା ୧୦୭ ଟଙ୍କା ୯୧ ପଇସା ରହିଛି। କୋଟପାଡ଼ ଅଞ୍ଚଳକୁ ଛତିଶଗଡ଼ ଅଞ୍ଚଳରୁ ପନିପରିବାଠାରୁ ଆରମ୍ଭ କରି ତେଜରାତି ସାମଗ୍ରୀ ଆସୁଛି। ତୈଳଦର ବୃଦ୍ଧି ହେତୁ ସବୁ ସାମଗ୍ରୀ ଦର ଆକାଶ ଛୁଆଁ ହେଲାଣି। ଏଠାରୁ ୧୪ କିମି ଦୂରରେ ଥିବା ଛତିଶଗଡରେ ତୈଳଦର କୋଟପାଡ ଅପେକ୍ଷା ୫ଟଙ୍କା କମ୍ ରହିଛି। ତେବେ ଏଠାରେ ବ୍ୟବସାୟୀମାନେ ତୈଳଦର ବୃଦ୍ଧି ଦର୍ଶାଇ ଖାଉଟିମାନଙ୍କୁ ଚଢ଼ା ଦରରେ ସାମଗ୍ରୀ ବିକ୍ରି କରୁଛନ୍ତି। ଏପରି କ୍ଷେତ୍ରରେ ପ୍ରଶାସନ ପକ୍ଷରୁ ସାମଗ୍ରୀର ଗୁଣବତ୍ତା ପରଖିବା ଲାଗି କୌଣସି ପଦକ୍ଷେପ ନିଆଯାଉନାହିଁ। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଶାବର ଶ୍ରୀକ୍ଷେତ୍ରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

କୋରାପୁଟ, ୧୭।୧୦(ସ୍ୱ.ପ୍ର.)

ଭାରତ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗର ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ ଓ ଜାତୀୟ ସେବା ଯୋଜନା ପକ୍ଷରୁ ମିଳିତ ଭାବେ ରବିବାର ସ୍ଥାନୀୟ ଶାବର ଶ୍ରୀକ୍ଷେତ୍ର ପରିସରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲାପାଳ ଗଦାଧର ପରିଡା ମୁଖ୍ୟଅତିଥି, ସମ୍ମାନିତ ଅତିଥି ରୂପେ ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ପ୍ରଫୁଲ୍ଲ ମିଶ୍ର, ଗୋପବନ୍ଧୁ ସେବା ସମିତି ସଭାପତି ଭବାନୀ ଶଙ୍କର ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏଥିରେ ଜିଲାର ସମସ୍ତ ୧୪ଟିଯାକ ବ୍ଲକର ମହାବିଦ୍ୟାଳୟରୁ ବହୁ ଯୁବ ସ୍ୱେଚ୍ଛାସେବୀମାନେ ସାମିଲ ହୋଇଥିଲେ। ଏହି ଅବସରରେ ମନ୍ଦିରର ପଛ ପାର୍ଶ୍ୱ ଫାଟକଠାରୁ ଚତୁଃପାର୍ଶ୍ୱରେ ପଡିଥିବା ପ୍ଲାଷ୍ଟିକ ବୋତଲ, ପଲିଥିନ ଏବଂ ଅନ୍ୟାନ୍ୟ ବର୍ଜ୍ୟବସ୍ତୁମାନ ସଂଗ୍ରହ କରାଯାଇଥିଲା। ସେଠାରେ ହୋଇଥିବା ଅନାମନା ଘାସ ଓ ଗଛକୁ ଉପୁଡାଇ ମନ୍ଦିର ପରିସରକୁ ସଫାସୁତୁରା କରାଯାଇଥିଲା। ପରିବେଶ ସୁରକ୍ଷା ଲାଗି ସମସ୍ତ ଅଳିଆ ଓ ପ୍ଲାଷ୍ଟିକଗୁଡିକୁ ସେଠାରେ ସ୍ୱେଚ୍ଛାସେବୀମାନେ ପୋଡ଼ି ଦେଇଥିଲେ। କାର୍ଯ୍ୟକ୍ରମକୁ ନେହେରୁ ଯୁବକେନ୍ଦ୍ରର ଅଧିକାରୀ ହରିଶ ରୁପାଲ, ଜାତୀୟ ସେବା ଯୋଜନାର ଜିଲା କାର୍ଯ୍ୟକ୍ରମ ଅଧିକାରୀ କିଶୋର ଚନ୍ଦ୍ର ବେହେରା, ଆଇନଜୀବୀ ତଥା ଯୁବ ସ୍ୱେଚ୍ଛାସେବୀ କେଦାର ସେନାପତି, ଅଧାପକ ସୌମେନ୍ଦ୍ର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।




ଶାବର ଶ୍ରୀକ୍ଷେତ୍ର ପରିସରକୁ ସଫେଇ କରିଥିବା ସ୍ୱେଚ୍ଛାସେବୀମାନେ।

# ଚନ୍ଦ୍ରଶେଖର ହୋତାଙ୍କୁ ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର



ନବରଙ୍ଗପୁର,୧୭।୧୦(ବି.ପ୍ର.)

ବାଙ୍ଗାଲୋରସ୍ଥିତ ଭାରତୀୟ ବିଦ୍ୟା ଭବନ ପ୍ରେକ୍ଷାଳୟରେ ନବରଙ୍ଗପୁର ଏସ୍‌ଡିପିଓ ତଥା ଯୁବ ପ୍ରାବନ୍ଧିକ ଓ ସମାଲୋଚକ ଚନ୍ଦ୍ରଶେଖର ହୋତାଙ୍କୁ ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ୨୦୨୦ ମିଳିଛି। ଏକାଡେମୀର ସଭାପତି ଚନ୍ଦ୍ରଶେଖର କମ୍ବାର ଓ ପ୍ରସିଦ୍ଧ ହିନ୍ଦୀ କବି ଅରୁଣ କମଳଙ୍କ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ତାଙ୍କ ପ୍ରବନ୍ଧ ସଙ୍କଳନ 'ଚେତନାର ଅନ୍ୱେଷଣ ପାଇଁ ତାଙ୍କୁ ଉକ୍ତ ପୁରସ୍କାର ମିଳିଛି।

# ମା'ବୁଢ଼ି ଠାକୁରାଣୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଜୟପୁର,୧୭।୧୦ (ନି.ପ୍ର.)

ଜୟପୁର ବ୍ଲକ୍ ଅନ୍ତର୍ଗତ ଜୟନ୍ତଗିରିର ତଲଗୁଡାଠାରେ ରବିବାର ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମା'ବୁଡି ଠାକୁରାଣୀ ଫୁଟବଲ ଟୁର୍ନାମେଣ୍ଟ ରୂପେ ପରିଚିତ ଏହି ଟୁର୍ନାମେଣ୍ଟକୁ ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ କୋଟପାଡ ବନାମ ସାନକାଉଡି ଏବଂ ସିଓ୍ୱାଇଏ ମାଝୀଗୁଡା ବନାମ ଅରବିନ୍ଦ କ୍ଲବ୍ ମଧ୍ୟରେ ହୋଇଥିଲା। ଏହି ଟୁର୍ନାମେଣ୍ଟ ୩ ଦିନ ଧରି ଚାଲିବ। ଏହି ଅବସରରେ ଜୟନ୍ତଗିରିବାସୀ ବିଧାୟକ ବାହିନୀପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ମୁଖ୍ୟଅତିଥି ବିଧାୟକ ତାରାପ୍ରସାଦ ବାହିନୀପତି ଖେଳାଳିମାନଙ୍କ ସହ ପରିଚିତ ହେଉଛନ୍ତି।

# ସିଟ୍ ଅଭାବ, ଯୁକ୍ତ ୨ ନାମଲେଖାରୁ ବଞ୍ଚିତ ହେଉଛନ୍ତି ଛାତ୍ରୀଛାତ୍ର

- ଛାତ୍ରୀଛାତ୍ରଙ୍କ ପାସ୍ ତୁଳନାରେ ସିଟ୍ ନାହିଁ
- କଟ୍ ଅଫ୍ ମାର୍କ ଅନୁସାରେ ଆଡ୍‌ମିଶନ କରିପାରିନାହାନ୍ତି
- ଦୂରଦୂରାନ୍ତର କଲେଜରେ ନାମ ଲେଖାଇ ହନ୍ତସନ୍ତ ହେଉଛନ୍ତି

ବୈପାରିଗୁଡା,୧୭।୧୦ (ଡି.ଏନ୍.ଏ.)

ଚଳିତବର୍ଷ କରୋନା କଟକଣା ଯୋଗୁ ଦଶମ ଶ୍ରେଣୀ ପରୀକ୍ଷା ବାତିଲ୍ କରାଯାଇ ଶ୍ରେଣୀ ପରୀକ୍ଷା ଓ ନବମ ଶ୍ରେଣୀ ବାର୍ଷିକ ପରୀକ୍ଷା ଫଳାଫଳକୁ ଆଧାର କରି ଫଳ ପ୍ରକାଶ ପାଇଥିଲା। ଅନେକ ବିଦ୍ୟାଳୟରେ ଶତ ପ୍ରତିଶତ ପିଲା ଉତ୍ତୀର୍ଣ୍ଣ ହୋଇ ରେକର୍ଡ ସୃଷ୍ଟି କରିଥିଲେ। ବୈପାରିଗୁଡା ବ୍ଲକରେ ୧୫ରୁ ଉର୍ଦ୍ଧ୍ୱ ହାଇସ୍କୁଲର ୧ ହଜାରରୁ ଅଧିକ ସଂଖ୍ୟକ ଛାତ୍ରୀଛାତ୍ର ପାସ୍ ହୋଇଥିଲେ। ଏବେ ଏତେ ସଂଖ୍ୟକ ପିଲାଙ୍କ ପାଇଁ ଯୁକ୍ତ ୨ରେ ନାମ ଲେଖାଇବାକୁ ସିଟ୍ ନାହିଁ। ବ୍ଲକରେ ଏକ ମାତ୍ର ସରକାରୀ ଅନୁଦାନପ୍ରାପ୍ତ ଗୋଟିଏ ମାତ୍ର ବେସରକାରୀ ହାୟର ସେକେଣ୍ଡାରୀ ସ୍କୁଲ ରହିଛି। ଏଠାରେ କେବଳ ଆର୍ଟ୍ସରେ ପଢିବାର ସୁବିଧା ରହିଛି। ବିଦ୍ୟାଳୟରେ ସିଟ୍ ସଂଖ୍ୟା ୨୫୬ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଦ୍ୱିତୀୟ ରାଉଣ୍ଡ ନାମଲେଖା ବେଳେ ସାଧାରଣ ବର୍ଗଙ୍କ ପାଇଁ କଟ୍ ଅଫ୍ ମାର୍କ ୩୧୦, ଆଦିବାସୀ ପିଲାଙ୍କ ପାଇଁ ୨୯୦ ଓ ତଫିସିଲଭୁକ୍ତ ଜାତି ପିଲାଙ୍କ ପାଇଁ ୨୮୦ ମାର୍କ ରହିଥିଲା। ସ୍ପଟ୍ ସିଲେକ୍ସନ ବେଳେ କଟ୍ ଅଫ ମାର୍କ ୨୭୮ରେ ପହଞ୍ଚିଥିଲା। ସିଟ୍ ନ ଥିବାରୁ ଛାତ୍ରୀଛାତ୍ରମାନେ ଆବେଦନ କରିପାରୁ ନାହାନ୍ତି। ମାଟ୍ରିକ୍‌ରେ ୧୯୮ ମାର୍କ ରଖି ବହୁ ଛାତ୍ରୀଛାତ୍ର ପାସ୍ କରିଛନ୍ତି। କଟ୍ ଅଫ୍ ମାର୍କ ଅନୁସାରେ ସ୍ଥାନୀୟ ହାୟର ସେକେଣ୍ଡାରୀ ସ୍କୁଲରେ ଆଡ୍‌ମିଶନ କରିପାରିନାହାନ୍ତି। ଏପରିସ୍ଥଳେ ଆଖପାଖରେ କୌଣସି ବିଦ୍ୟାଳୟ ନ ଥିବାରୁ ବହୁ ଗରିବ ଆଦିବାସୀ ପିଲା ଘରଠାରୁ ୬୦ ରୁ ୭୦ କିମି ଦୂର ମାଲକାନଗିରି ଜିଲା ଗୋବିନ୍ଦପାଲି, ମାଥିଲି ଓ କୁଡୁମୁଲୁଗୁମ୍ମାରେ ନାମ ଲେଖାଇ ହଟହଟା ହେଉଛନ୍ତି। ଅନ୍ୟପକ୍ଷରେ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ପିଲା ନାମ ଲେଖାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କ ଭବିଷ୍ୟତକୁ ନେଇ ଅଭିଭାବକମାନେ ଚିନ୍ତିତ ହୋଇପଡିଛନ୍ତି। ସୂଚନାଯୋଗ୍ୟ, ସ୍ଥାନୀୟ ପିଲାଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୩୦ ବର୍ଷ ତଳେ ଅଞ୍ଚଳର କେତେକ ବ୍ୟକ୍ତିଙ୍କ ଉଦ୍ୟମରେ ଏହି ବେସରକାରୀ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ମାତ୍ର ସରକାରୀ ଅନୁଦାନ ପାଇବା ପରେ ସରକାରଙ୍କ ନିୟନ୍ତ୍ରଣରେ ରହିବାରୁ ସ୍ଥାନୀୟ ପିଲାଙ୍କୁ ଅଗ୍ରାଧିକାର ମିଳୁନାହିଁ। ବାହାର ଅଞ୍ଚଳର ପିଲାମାନେ ଏହି ବିଦ୍ୟାଳୟରେ ପଢିବା ସୁଯୋଗ ପାଉଥିବା ବେଳେ ସ୍ଥାନୀୟ ପିଲାମାନେ ଅଧାରେ ପାଠ ଛାଡିବାକୁ ବାଧ ହେଉଛନ୍ତି। ଶିକ୍ଷା ବିଭାଗ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଶିବିରରେ ସ୍ୱାସ୍ଥ୍ୟସେବା ପାଇଲେ ୧୮୧



ଜୟପୁର, ୧୭।୧୦ (ନି.ପ୍ର.)

ଜୟପୁର ରାଜାନହର ଛକଠାରେ ରୋଟାରି କ୍ଲବ ଅଫ ଜୟପୁର ପ୍ରାଇଡ ପକ୍ଷରୁ ରବିବାର ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଧୁମେହ, ରକ୍ତ ପରୀକ୍ଷା, ରକ୍ତଚାପର ପରୀକ୍ଷା ସହ ରୋଗୀଙ୍କ ଉଚ୍ଚତା ଓ ଓଜନ ମାପି ଚିକିତ୍ସା କରାଯାଇଥିଲା। ଶିବିରରେ ୧୮୧ ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କ୍ଲବ ତରଫରୁ ରୋଟାରିଆନ ଡାକ୍ତର ସସ୍ମିତା ନାୟକ ଉପସ୍ଥିତ ଥିଲେ। କ୍ଲବ ସଭାପତି ପ୍ରକାଶ ନାୟକ, ସମ୍ପାଦକ ରାମହରି ପଣ୍ଡା, କ୍ଲବ ପ୍ରଶିକ୍ଷକ ଜି.ଭି ରାଓ, କାଳୁ ରାମ ପଣ୍ଡା, ନରେଶ ମହାପୁଲ, ପ୍ରଦୀପ ସାମନ୍ତରାୟ, ପ୍ରଦୀପ ସାହୁ, ମାଲ୍ଲା ହୃଷୀକେଶ, ସନ୍ତୋଷ ମହାପାତ୍ର, ସୁରେଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସହରର ବିଭିନ୍ନ ସ୍ଥାନରେ ଏବଂ ଗ୍ରାମାଞ୍ଚଳରେ ଏପରି ଶିବିରମାନ କରାଯିବ ବୋଲି ସଭାପତି ନାୟକ କହିଛନ୍ତି।

# ନଦୀକୂଳିଆ ଗାଁରେ ମିଳୁନି ସ୍ୱଚ୍ଛ ପିଇବା ପାଣି

- ସମସ୍ୟା ଜଣାଇଲେ ମିଳୁଛି ପ୍ରତିଶ୍ରୁତି
- କଥା ଦେଇ ଭୁଲି ଯାଉଛନ୍ତି ରାଜନେତା, ପ୍ରଶାସନ

ନବରଙ୍ଗପୁର,୧୭।୧୦(ବି.ପ୍ର.)

ନବରଙ୍ଗପୁର ଜିଲା ସଦର ମହକୁମାରୁ ୧ କିମି ଓ ଜାତୀୟ ରାଜପଥ କଡରୁ ମାତ୍ର ୫ଶହ ମିଟର ଦୂରରେ ରହିଛି ସାନଡାଇଭଟା ଗାଁ। ଇନ୍ଦ୍ରାବତୀ ନଦୀକୂଳିଆ ଗାଁଟି। ଏଠାରେ କିନ୍ତୁ ଦୀର୍ଘ ବର୍ଷ ହେବ ପାନୀୟ ଜଳ ସମସ୍ୟା ରହିଛି। ନିର୍ବାଚନ ଆସିଲେ ଭୋଟ ପାଇଁ ନେତାଙ୍କ ଭିଡ ଓ ପ୍ରତିଶ୍ରୁତି ମିଳେ। କିନ୍ତୁ ନିର୍ବାଚନ ପରେ ସମସ୍ତେ ଯେମିତି ଗାଁ ସମସ୍ୟାକୁ ପାଶୋରୀ ଯାଆନ୍ତି। ପ୍ରଶାସନିକ ଅଧିକାକାରୀମାନେ ଆନ୍ଦୋଳନ କଲେ ସମସ୍ୟା ସମାଧାନର ପ୍ରତିଶ୍ରୁତି ଦିଅନ୍ତି। କିନ୍ତୁ ସେମାନେ ମଧ ସବୁ କଥା ଭୁଲି ଯାଆନ୍ତି।

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ସିନ୍ଧିଗୁଡା ପଞ୍ଚାୟତ ଅଧୀନ ସାନଡାଇଭଟା ଗାଁରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇ ପଡିଛି। ଗ୍ରାମବାସୀ ଲୋକପ୍ରତିନିଧି ଓ ଜିଲା ଗ୍ରାମୀଣ ପାନୀୟ ଜଳ ଯୋଗଣ କାର୍ଯ୍ୟାଳୟକୁ ଯାଇ ନୟାନ୍ତ ହୋଇ ପଡିଲେଣି। ତଥାପି ଏହାର ସମାଧାନ ହେଉନି। ୨୦୧୯ରେ ପାନୀୟ ଜଳ ସମସ୍ୟା ନେଇ ଗ୍ରାମବାସୀ ୨୬ ନମ୍ବର ଜାତୀୟ ରାଜପଥ ଅବବରୋଧ କରିଥିଲେ। ପାଇପ ଯୋଗ ପାନୀୟ ଜଳ ବବସ୍ଥା କରାଯିବ ବୋଲି ସେହି ସମୟରେ ଜିଲା ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲେ। ଏହା ମଧରେ ୨ ବର୍ଷ ବିତିଗଲାଣି। କିନ୍ତୁ ସେମାନଙ୍କ ସମସ୍ୟାର ସମାଧାନ ହୋଇ ପାରିଲା ନାହିଁ। ସାନଡାଇଭଟା ଗାଁରେ ୩ଶହ ପରିବାର ରହୁଛନ୍ତି। ଗାଁରେ ଥିବା ନଳକୂପ ଗୁଡିକ ଗୋଳିଆ ଓ ଦୁର୍ଗନ୍ଧ ପାଣି ବାହାରୁଛି। ପାଣି ପାଇଁ ମହିଳାଙ୍କ ମଧରେ ଗଣ୍ଡଗୋଳ ମଧ ଲାଗେ। ତେଣୁ ପାଇପ ଯୋଗେ ଆବଶ୍ୟକ ମୁତାବକ ପାନୀୟ ଜଳ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଶନିବାର ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପାନୀୟ ଜଳ ସମସ୍ୟା ଦୂର ନ ହେଲେ ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଗାଁର ଭାନୁମତି ଭତରା, ଦୟାନିଧି ସୁନା, ମଙ୍ଗଳଦାନ ବାଘ, ମୋହନ ଚନ୍ଦ୍ରସୁନା, ଗଦାଧର ଦାଓ ସୁନା, ବିଜୟ ଚନ୍ଦ୍ର ସୁନାଙ୍କ ସମେତ ଗ୍ରାମବାସୀ କହିଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦାବି ଜଣାଇବାକୁ ଆସିଥିବା ସାନଡାଇଭଟା ଗ୍ରାମବାସୀ।

## ସଂକ୍ଷେପରେ

### ମହିଳାଙ୍କୁ ଆଇନଜୀବୀଙ୍କ ଦୁର୍ବ୍ୟବହାର ଅଭିଯୋଗ

ମାଲକାନଗିରି,୧୭।୧୦ (ଡି.ଏନ.ଏ.)- ନିଜ ପରିବାର ସହ ଏମଭି-୭୯କୁ ଦଶହରା ପୂଜା ଦେଖିବାକୁ ଆସି ଜଣେ ମହିଳା ଓ ତାଙ୍କ ପରିବାର ଅସଦାଚରଣର ଶିକାର ହୋଇଛନ୍ତି। ଏମଭି ୭୯ ଅଞ୍ଚଳର ଜଣେ ଆଇନଜୀବୀ ବାସୁଦେବ ନାଥ ଶନିବାର ଦଶହରା ପୂଜା ମଣ୍ଡପ ନିକଟରେ ଜଣେ ଜନୈକା ମହିଳାଙ୍କ ଶାଢୀ ଧରି ଟଣାଟଣି କରି ତାଙ୍କୁ ଅସଦାଚରଣ କରିଥିଲେ। ମହିଳା ଜଣଙ୍କ ଏହାର ପ୍ରତିବାଦ କରି ସେଠାରୁ ଚାଲି ଯାଇଥିଲେ। ସେ ନିଜ ଘରକୁ ଫେରୁଥିବା ବେଳେ ପୁଣି ଥରେ ଆଇନଜୀବୀ ଜଣକ ତାଙ୍କ ନିକଟରେ ପହଞ୍ଚି ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ଅସଦାଚରଣର ଶିକାର ହୋଇଥିବା ମହିଳା ସମ୍ପୃକ୍ତ ଆଇନଜୀବୀଙ୍କ ନାମରେ ଏମଭି-୭୯ ଥାନାରେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରି ପୋଲିସ ଆଇଜଜୀବୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ମହିଳାଙ୍କ ପରିବାର ଲୋକେ ଦାବି କରିଛନ୍ତି।

### ପଞ୍ଚାୟତ ନିର୍ବାଚନ ନେଇ ଆସିଛି ୨୩୯ ଅଭିଯୋଗ

କୋରାପୁଟ, ୧୭।୧୦(ସ୍ୱ.ପ୍ର.)- ଆସନ୍ତା ପଞ୍ଚାୟତ ନିର୍ବାଚନ ନେଇ କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ପଞ୍ଚାୟତ ସୀମା ଓ ସଂରକ୍ଷଣ ଚିଠା ତାଲିକା ପ୍ରକାଶ ପରେ ୨୯୭୩ ୱାର୍ଡ, ୨୪୦ ସରପଞ୍ଚ, ୨୪୦ ସମିତିସଭ୍ୟ, ୨୯ ଜିଲା ପରିଷଦ ଓ ୧୪ଟି ବ୍ଲକ ଅଧକ୍ଷ ପଦବୀ ନେଇ ବିଜ୍ଞପ୍ତି ଜାରି କରାଯାଇ ସର୍ବସାଧାରଣଙ୍କଠାରୁ ଅଭିଯୋଗ ଆହ୍ୱାନ କରାଯାଇଥିଲା। ଏନେଇ ଚଳିତ ମାସ ୧୬ ତାରିଖ ଶେଷ ଦିନ ଧାର୍ଯ୍ୟ ହୋଇଥିଲା। ଏହି ସମୟ ମଧରେ ୨୩୯ଟି ଅଭିଯୋଗ ପତ୍ର ଜିଲା ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିବା ଜିଲା ପଞ୍ଚାୟତ ଅଧିକାରୀ ସୁଦେଶ ପଟ୍ଟନାୟକ କହିଛନ୍ତି। ସରପଞ୍ଚ ପାଇଁ ୨୯ଟି ଅଭିଯୋଗ ପତ୍ର ମିଳିଥିବା ବେଳେ ସମିତି ସଭ୍ୟ ୫୮ଟି ଅଭିଯୋଗ, ୱାର୍ଡ ସଭ୍ୟ ୧୩୨, ଜିଲା ପରିଷଦ ସଭ୍ୟ ପାଇଁ ୨୯ଟି ଏବଂ ବ୍ଲକ ଅଧକ୍ଷ ଲାଗି ଗୋଟିଏ ଅଭିଯୋଗ ପତ୍ର ଅଭିଯୋଗ ପତ୍ର ଆସିଥିବା ଜଣାପଡିଛି। ସୋମବାର ଜିଲା ପରିଷଦ ସଭ୍ୟ ନିମନ୍ତେ ଅଭିଯୋଗପତ୍ର ଦାଖଲର ଶେଷ ଦିନ ଧାର୍ଯ୍ୟ କରାଯାଇଛି।

### କେନାଲରୁ ମୃତଦେହ ଜବତ

ବ୍ରହ୍ମପୁର ଅଫିସ,୧୭।୧୦: ସଦର ଥାନା ପୋଲିସ ଗୌତମୀ ନିକଟସ୍ଥ ଏକ କେନାଲରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଶନିବାର ସକାଳେ ଜବତ କରିଛି। ମୃତ ବ୍ୟକ୍ତି ଜଣଙ୍କ ଶେରଗଡ ଥାନା ଅନ୍ତର୍ଗତ ଡାକରଡ଼ା ଗ୍ରାମର ପ୍ରଫୁଲ୍ଲ ଡାକୁଆ (୫୫) ବୋଲି ପୋଲିସ କହିଛି। ମୃତଦେହ ଜବତ କରି ପୋଲିସ ନଂ. ୫୩/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରଫୁଲ୍ଲ ଜଳସେଚନ ବିଭାଗରେ କାମ କରନ୍ତି। ଶୁକ୍ରବାର ସେ ଗାଁ ନିକଟ ଦେଇ ଯାଇଥିବା ଏକ କେନାଲ କାମ ଦେଖିବାକୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ନ ଥିଲେ। ଘର ଲୋକ ଖୋଜାଖୋଜି କରି ଶେଷରେ ନିରାଶ ହୋଇଥିଲେ। ଶନିବାର ସକାଳେ ଗୌତମୀ କେନାଲ ତଟରେ ଏକ ମୃତଦେହ ଲାଗିଥିବା ଖବର ପାଇ ତାଙ୍କ ପୁଅ ଡାକ ଡାକୁଆ ପହଞ୍ଚି ଥିଲେ। ଖବର ପାଇ ପୋଲିସ ମଧ ସେଠାରେ ପହଞ୍ଚିଥିଲା। ଡାକ ପୋଲିସ ଉପସ୍ଥିତିରେ ବାପା ପ୍ରଫୁଲ୍ଲଙ୍କ ମୃତଦେହ ଚିହ୍ନଟ କରିଥିବା ପୋଲିସ କହିଛି। ଜିଲାରେ ଲଗାଣ ବର୍ଷା ଜାରି ରହିଥିବା ବେଳେ ପ୍ରଫୁଲ୍ଲ ଶୁକ୍ରବାର କେନାଲ କାମ ଦେଖୁଥିବା ବେଳେ ପାଣିରେ ବୁଡି ଶ୍ୱାସରୁଦ୍ଧ ହୋଇଯିବାରୁ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରୁଛି।

### ଯୁବକଙ୍କ ଆତ୍ମହତ୍ୟା

ବ୍ରହ୍ମପୁର ଅଫିସ,୧୭।୧୦: ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ବାପୁଜୀନଗର ୫ମ ଲେନ୍‌ରେ ରହୁଥିବା ଜଣେ ଯୁବକ ଶାଢ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଦେବରାଜ ମହାରଣାଙ୍କ ପୁଅ ଜିତୁ (୨୫)। ଶନିବାର ମୃତଦେହ ଜବତ କରି ପୋଲିସ ନଂ. ୫୨/୨୧ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପାରିବାରିକ ଝଗଡ଼ାରୁ ଜିତୁ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। କେ.ନୂଆଗାଁ ଥାନା ଅନ୍ତର୍ଗତ ଚିକିଟିରେ ଦେବରାଜ ମହାରଣା ପରିବାର ସହ କିଛି ବର୍ଷ ହେଲା ବ୍ରହ୍ମପୁର ଆସି ବ୍ରଜନଗରରେ ଏକ ଘର ଭଡା ନେଇ ରହୁଥିଲେ। ୪/୫ମାସ ତଳେ ତାଙ୍କ ପୁଅ ଜିତୁ ଦକ୍ଷିଣପୁର ଗ୍ରାମର ରଶ୍ମିତା ମହାରଣାଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛିଦିନ ପରେ ଜିତୁ ଓ ସ୍ତ୍ରୀଙ୍କ ମଧରେ ଝଗଡା ହୋଇଥିଲା। ଏଣୁ ଦେବରାଜ ତାଙ୍କ ପୁଅକୁ ଅନ୍ୟତ୍ର ରହିବାକୁ କହିଥିଲେ। ପରେ ଦୁହେଁ ବାପୁଜୀନଗରରେ ଏକ ଘର ଭଡା ନେଇ ରହୁଥିଲେ। ଶୁକ୍ରବାର ରାତିରେ କୌଣସି କାରଣକୁ କେନ୍ଦ୍ରକରି ଉଭୟଙ୍କ ମଧରେ ଝଗଡା ହୋଇଥିଲା। ସ୍ତ୍ରୀଙ୍କୁ ଘରୁ ବାହାର କରି ଜିତୁ ଘର ଭିତରେ ବେକରେ ଶାଢ଼ି ଲଗାଇ ଆତ୍ମହତ୍ୟା କରିଥିଲେ।

# ବଦଳିଲେ ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ସମ୍ପାଦକ

## ଜଗବନ୍ଧୁ ସାମଲ ଅସ୍ଥାୟୀ ସମ୍ପାଦକ

କୋରାପୁଟ, ୧୭।୧୦(ସ୍ୱ.ପ୍ର.)

କୋରାପୁଟ ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟିର ପରିଚାଳନା କମିଟି ସମ୍ପାଦକ ବଦଳିଛନ୍ତି। ଦୀର୍ଘଦିନ ଧରି ସମ୍ପାଦକ ରହିଥିବା ଗଦାଧର ପରିଡାଙ୍କ ବଦଳରେ ଅସ୍ଥାୟୀ ସମ୍ପାଦକ ଭାବେ କମିଟିର ଯୁଗ୍ମ ସମ୍ପାଦକ ଜଗବନ୍ଧୁ ସାମଲ ମନୋନୀତ ହୋଇଛନ୍ତି। ଏନେଇ ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ହୋଇଥିବା ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଓ ରାଜ୍ୟ ବିହନ ନିଗମ ଅଧକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ରବିବାର ସ୍ଥାନୀୟ ଆଦିବାସୀ ସଂଗ୍ରହାଳୟ ସଭାଗୃହ ପରିସରରେ ମନ୍ଦିର ପରିଚାଳନା କମିଟିର ବୈଠକ ବସିଥିଲା। ଏଥିରେ ସମ୍ପାଦକ ଥିବା ଗଦାଧର ଇସ୍ତଫା ଦେବେ ବୋଲି ନିଷ୍ପତ୍ତି ହୋଇଥିଲା । ଏତଦ୍‌ବ୍ୟତୀତ ଜଗବନ୍ଧୁ ସାମଲଙ୍କୁ ସମ୍ପାଦକ ଦାୟିତ୍ୱ ହସ୍ତାନ୍ତର କରିବାକୁ କୁହାଯାଇଥିଲା। ଜଗବନ୍ଧୁ ୨ ମାସ ପାଇଁ ଅସ୍ଥାୟୀ ଭାବେ ସମ୍ପାଦକ ଦାୟିତ୍ୱ ତୁଲାଇବେ। ଲଲାଟେନ୍ଦୁ ଦେଓ ଓ ଭୀମସେନ ଜେନା ଅସ୍ଥାୟୀ ସମ୍ପାଦକଙ୍କୁ ସହଯୋଗ କରିବେ। ଏହି ସମୟ ମଧରେ ସାଧାରଣ ପରିଷଦ ଗଠନ ଏବଂ ନିର୍ବାଚନ ଲାଗି ପଦକ୍ଷେପ ନିଆଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାପଡିଛି । ବୈଠକରେ ଅନ୍ୟମାନଙ୍କ ମଧରେ କୋରାପୁଟ ବିଧାୟକ ତଥା ଜିଲା ଯୋଜନା କମିଟିର ଅଧକ୍ଷ ରଘୁରାମ ପଡାଲ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢୀ, ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ପିସି ମିଶ୍ର, ଉମାକାନ୍ତ ଦାସ, ତ୍ରିନାଥ ପାତ୍ର, ତ୍ରିଲୋଚନ ଶତପଥୀ, ଅରୁଣ ଦାସଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଶାବର ଶ୍ରୀକ୍ଷେତ୍ର ମନ୍ଦିର କମିଟିର ସମ୍ପାଦକ ଭାବେ ଗଦାଧର ପରିଡାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ୪ ବର୍ଷ ହେବ କୌଣସି କାରଣବଶତଃ ନିର୍ବାଚନ ହୋଇପାରି ନାହିଁ। ରବିବାର ବୈଠକ ପରେ ଏବେ ଏନେଇ ପ୍ରକ୍ରିୟା ଆରମ୍ଭ ହେବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜଗବନ୍ଧୁଙ୍କୁ ପଚାରିବାରୁ ସେ କହିଲେ, ମୋର ଇଚ୍ଛା ନ ଥିଲା, ବିଧାୟକ ଏବଂ ସଦସ୍ୟମାନେ ୨ ମାସ ପାଇଁ ମୋତେ ଅସ୍ଥାୟୀ ସମ୍ପାଦକ ହେବାକୁ କହିଥିଲେ। ଏହି ସମୟ ମଧରେ ମନ୍ଦିର କମିଟିର ସମ୍ବିଧାନକୁ ଅନୁଧ୍ୟାନ କରି ନିର୍ବାଚନ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ସେହିପରି ରବିବାର ଘଟଣା ନେଇ ଗଦାଧର ପରିଡାଙ୍କୁ ପଚାରିବାରୁ ସେ ଏହା ଉପରେ କୌଣସି ମନ୍ତବ୍ୟ ଦେବାକୁ ମନା କରି ଦେଇଥିଲେ।



ଶାବର ଶ୍ରୀକ୍ଷେତ୍ରରେ ରବିବାର ବସିଥିବା ବୈଠକ।

# ସାହିତ୍ୟ ପତ୍ରିକା ବିଭାବନାର ସାରସ୍ୱତ ସମାରୋହ



ଅତିଥିମାନେ ବିଭାବନାର ପୂଜା ବିଶେଷାଙ୍କ ଉନ୍ମୋଚନ କରୁଛନ୍ତି ।

କୋରାପୁଟ, ୧୭।୧୦(ସ୍ୱ.ପ୍ର.)

ରବିବାର କୋରାପୁଟସ୍ଥିତ ଆଦିବାସୀ ସଂଗ୍ରହାଳୟ ପରିସରରେ ଢେଙ୍କାନାଳ ଜିଲାର ସୃଜନଶୀଳ ସାହିତ୍ୟ ପତ୍ରିକା ବିଭାବନାର ସାରସତ୍ୱ ସମାରୋହ ଅନୁଷ୍ଠିତ ହୋଇଯାଇଛି । ବିଭାବନାର ସମ୍ପାଦକ ମନୋରଞ୍ଜନ ନନ୍ଦଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଶିକ୍ଷାବିତ ଉମାକାନ୍ତ ଦାସ ମୁଖ୍ୟ ଅତିଥି, ରଜତ କୁମାର ଷଡଙ୍ଗୀ, ସତା ସାହିତ୍ୟ ସଂସଦର ସଭାପତି ଜଳଧର ସ୍ୱାଇଁ, ଡକ୍ଟର ଜଗବନ୍ଧୁ ସାମଲ ସମ୍ମାନିତ ଅତିଥି ରୂପେ ଯୋଗଦେଇ ବିଭାବନାର ପୂଜା ବିଶେଷାଙ୍କ ଓ କବି ଜଳଧର ସ୍ୱାଇଁଙ୍କ କବିତା ସଂକଳନ 'ନୀଳ ନିର୍ମାଲ୍ୟ'କୁ ଉନୋଚନ କରିଥିଲେ। ଏହି ଅବସରରେ ଅତିଥିମାନେ କୋରାପୁଟ ଜିଲାର ସଂସ୍କୃତି ଓ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ସଂପାଦକ ନନ୍ଦ କୋରାପୁଟ ଜିଲାର ଆଦିବାସୀ ସଂସ୍କୃତି ଓ ପ୍ରକୃତି ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ବିଭାବନା ପକ୍ଷରୁ କବି ଜଳଧର ସ୍ୱାଇଁ ଓ ଜୟପୁର ପ୍ରମୋଦିନୀ ହୋତାଙ୍କୁ ସମ୍ମାନିତ କରାଯାଇଥିଲା । ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା କବିମାନଙ୍କୁ ନେଇ କବିତା ପଠୋତ୍ସବ ହୋଇଥିଲା।

# ପ୍ରଜ୍ଞାଶ୍ରୀ ପକ୍ଷରୁ ଗଳ୍ପ ପାଖୁଡ଼ା ଲୋକାର୍ପଣ ଉତ୍ସବ



ଜୟପୁର, ୧୭।୧୦ (ନି.ପ୍ର.)

ଜୟପୁରସ୍ଥିତ ପ୍ରଜ୍ଞାଶ୍ରୀ ଶିକ୍ଷା ବିକାଶ ଏକାଡେମୀ ପକ୍ଷରୁ ପାରାବେଡାସ୍ଥିତ ଅରବିନ୍ଦ ଭବନ ଠାରେ ପୁସ୍ତକ ଲୋକାର୍ପଣ ଓ ଆଲୋଚନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ସଭାପତି ଶ୍ରୀନାଥ ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଦାଶରଥି ନନ୍ଦ, ସମ୍ମାନିତ ଅତିଥି ଭାବେ ଗଙ୍ଗାଧର ନନ୍ଦ, ପ୍ରାଧ୍ୟାପକ ପ୍ରେମାନନ୍ଦ ଦାଶ, ସାହିତ୍ୟ ଏକାଡେମୀ ସଦସ୍ୟ ଲକ୍ଷ୍ମୀକାନ୍ତ ପାଢୀ ଯୋଗଦେଇଥିଲେ। ମୁଖ୍ୟଅତିଥି ନନ୍ଦ ଗାଳ୍ପିକ ଭଗବାନ ସାବତଙ୍କ ଲିଖିତ ଗଳ୍ପ ପୁସ୍ତକ ଗଳ୍ପ ପାଖୁଡା ଲୋକାର୍ପଣ କରିଥିଲେ। ପୁସ୍ତକ ସମ୍ପର୍କରେ ପ୍ରଦୀପ ମିଶ୍ର ଓ ଉଦୟ ଶଙ୍କର ଜାନି ମତ ରଖିଥିଲେ। ଶ୍ରୀ ଅରବିନ୍ଦ ଦର୍ଶନକୁ ନେଇ ଲକ୍ଷ୍ମୀଧର ସାହୁ ବକ୍ତବ୍ୟ ଦେଇଥିଲେ। ଏକାଡେମୀ ସମ୍ପାଦକ ପ୍ରଭାତ ରଥ ସଂଯୋଜନା କରିଥିଲେ। ସୁରେଶ ଦାସ, ନଳିନୀ ରଞ୍ଜନ ମିଶ୍ର, ଯଜ୍ଞେଶ୍ୱର ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ତପନ କିରଣ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଡ ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଦାମନଯୋଡି, ୧୭।୧୦(ଡି.ଏନ୍.ଏ.)

ନାଲ୍‌କୋ ଟାଉନସିପ ସେକ୍ଟର-୧ ବ୍ରହ୍ମାକୁମାରୀ ଆଶ୍ରମ ନିକଟସ୍ଥ ଅବଦୁଲ କଲାମ ପାର୍କରେ ଭାରତରତ୍ନ ଡ଼ଃ ଏ.ପି.ଜେ. ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବିଶଙ୍କର ଦାସ ଅତିଥିଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ତାଙ୍କ ଜୀବନାଦର୍ଶ ଓ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ନାଲ୍‌କୋର ବିଭିନ୍ନ ବିଭାଗର ସମୂହ ମହାପ୍ରବନ୍ଧକ, ନାଲକୋ ମାନବସମ୍ବଳ ଓ ପ୍ରଶାସନ ବିଭାଗ,ଉଦ୍ୟାନ ବିଭାଗ ଓ ସିଭିଲ ବିଭାଗର ଅଧିକାରୀ, ବିଭିନ୍ନ ଶ୍ରମିକ ସଙ୍ଗଠନ, ୟୁନିୟନ ଓ ଆସୋସିଏଶନ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।



କଲାମଙ୍କ ପ୍ରତିମୂର୍ତ୍ତିରେ ଅତିଥି ପୁଷ୍ପମାଲ୍ୟ ଦେଉଛନ୍ତି ।

# ଏମ୍‌ଭି-୫୮କୁ ହରାଇ ଦରିଗୁଡ଼ା ଟିମ୍ ଚାମ୍ପିୟନ

## ମା' ଦୁର୍ଗା ଫୁଟବଲ ଟୁର୍ନାମେଣ୍ଟ

ମାଲକାନଗିରି,୧୭।୧୦ (ଡି.ଏନ.ଏ.)

ମାଲକାନଗିରି ବ୍ଲକ ଶିଖପାଲି ପଞ୍ଚାୟତ ଅନ୍ତର୍ଗତ ଏମ୍‌ଭି-୧୯ ଗ୍ରାମର ନେତାଜୀ ଯୁବକ ସଂଘ ପକ୍ଷରୁ ଆୟୋଜିତ ମା' ଦୁର୍ଗା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ଦରିଗୁଡ଼ା ଓ ଏମ୍‌ଭି-୫୮ ଫୁଟବଲ ଟିମ୍ ପରସ୍ପରକୁ ଭେଟିଥିଲେ। ଏଥିରେ ଏମ୍‌ଭି-୫୮କୁ ହରାଇ ୦-୧ରେ ଦରିଗୁଡ଼ା ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ମାଲକାନଗିରି ପୂର୍ବତନ ବିଧାୟକ ମାନସ ମାଡ଼କାମି ମୁଖ୍ୟ ଅତିଥି, ମାଲକାନଗିରି ବିଧାୟକ ଆଦିତ୍ୟ ମାଡି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜୟୀ ଓ ରନର୍ସଅପ୍ ଦଳକୁ ଯଥାକ୍ରମେ ୩୦ହଜାର ଓ ୨୦ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧରେ ସାମାଜିକ କର୍ମୀ ତପନ ସାନା, ଏମ୍‌ପି ପ୍ରତିନିଧି କାମେଶ୍ୱର ରାଓ, ବିଏସ୍‌ଏଫ୍ ମେଜର ଏସ୍‌କେ ମେନନ୍, ଜିଲା ପରିଷଦ ସଭ୍ୟା ଦେବୀ ମାଡି, ସରପଞ୍ଚ ଆଡ଼ମେ ମାଡକାମି, ପୂର୍ବତନ ସରପଞ୍ଚ ମୁକା ମାଡକାମି ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥି ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି ।

# ଚାରି ମାସରେ ଦୁଇ ଥର ହେଲାଣି ପ୍ୟାଚ୍ କାମ

## ଶୋଚନୀୟ ହୋଇ ପଡିଛି ୪୦ ନମ୍ବର ରାଜ୍ୟ ରାଜପଥ

ରାଇଘର, ୧୭।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଉମରକୋଟରୁ ଛତିଶଗଡ ସୀମାନ୍ତ ରାଇଘର ବ୍ଲକକୁ ସଂଯୋଗ କରୁଥିବା ୪୦ ନମ୍ବର ରାଜ୍ୟ ରାଜପଥର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ବାରମ୍ବାର ରାସ୍ତା ମରାମତି ନିମନ୍ତେ ପ୍ୟାଚ ମରା ଯାଉଥିଲେ ମଧ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ତଦାରଖ ଅଭାବରୁ ସମସ୍ୟା ବଢିବାରେ ଲାଗିଛି।

ରାଇଘର ବ୍ଲକ ସଦରରୁ ବେହେଡା ତାରିଣୀ ମନ୍ଦିର ପର୍ଯ୍ୟନ୍ତ ପ୍ରାୟ ୧୫ କିଲୋମିଟର ରାସ୍ତା ଅତି ଶୋଚନୀୟ ହୋଇପଡ଼ିଛି। ୪ ମାସ ମଧରେ ଦୁଇ ଥର ପ୍ୟାଚ ପକାଯାଇଥିଲା ବେଳେ ବର୍ତ୍ତମାନ ତାହା ଉଠିଯାଇ ଖାଲଖମାରେ ପରିପୂର୍ଣ୍ଣ ହୋଇପଡିଛି। ଖବର ପ୍ରକାଶ ହେବାପରେ ବର୍ତ୍ତମାନ ଉକ୍ତ ରାସ୍ତାର ଗର୍ତ୍ତଗୁଡିକରେ ବଡ଼ ବଡ଼ ମେଟାଲ ବିଛାଯାଇଥିବା ଦେଖିବାକୁମିଳିଛି। ଫଳରେ ଦୁର୍ଘଟଣା ଘଟିବା ସମ୍ଭାବନା ରହିଛି। ଗତ ବର୍ଷ ଉମରକୋଟରୁ ରାଇଘରକୁ ସଂଯୋଗ କରୁଥିବା ୨୮ କିମି ରାସ୍ତା ମଧ୍ୟରୁ ୮ଟି ଫେଜରେ ୧୫ କିମି ରାସ୍ତାର ଟେଣ୍ଡର ସହ ନିର୍ମାଣ କରାଯାଇଛି। ବାକି ରାସ୍ତାରେ ପ୍ୟାଚ କାମ କରାଯାଇଥିଲା। ବର୍ତ୍ତମାନ ତାହା ବିପର୍ଯ୍ୟସ୍ତ ହୋଇ ହୋଇପଡ଼ିଛି। ରାଇଘର ବ୍ଲକ ସଦର ମହକୁମାରୁ ସୀମାନ୍ତ ଯୋଡ଼ିଙ୍ଗା, ହାଟଭରଣ୍ଡି ଓ କୁନ୍ଦେଇ ଦେଇ ଛତିଶଗଡ଼କୁ ସଂଯୋଗ କରୁଥିବା ରାସ୍ତା ସ୍ଥାନେସ୍ଥାନେ ଖାଲ ଢିପହୋଇ ଅତି ଶୋଚନୀୟ ହୋଇପଡ଼ିଛି। ଉମରକୋଟ-ରାଇଘର ମୁଖ୍ୟ ରାସ୍ତା ମଝିରେ ଯେଉଁଠାରେ ବଡ ବଡ ପ୍ୟାଚ ପକାଯାଇଛି ତାହା ରାସ୍ତାରୁ ୧ ଇଞ୍ଚରୁ ଅଧିକା ଉଚ୍ଚା ହୋଇ ରହିଛି। ଯେଉଁ ଛୋଟଛୋଟ ପ୍ୟାଚ ପକାଯାଇଛି ତାହା ବର୍ତ୍ତମାନ ଉଠିଯାଇ ଖାଲ ଖମାରେ ପରିପୂର୍ଣ୍ଣ। ଏଥିଯୋଗୁ ବାରମ୍ବାର ଦୁର୍ଘଟଣା ହେଉଛି। ସମସ୍ୟା ସମ୍ପର୍କରେ ପୂର୍ତ୍ତ ବିଭାଗର ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ବର୍ତ୍ତମାନ ଗର୍ତ୍ତ ଥିବା ସ୍ଥାନରେ ପ୍ୟାଚ ନିମନ୍ତେ ବିଭାଗ ଗୁରୁତ୍ୱ ଦେଉଛି। ନୂତନ ରାସ୍ତା ନିମନ୍ତେ ପ୍ରସ୍ତାବ ଦିଆଯାଇଥିବା ସେ କହିଛନ୍ତି। ରାସ୍ତା ମରାମତି ନିମନ୍ତେ ବାରମ୍ବାର ପ୍ୟାଚ ମରାଯିବା ନିମନ୍ତେ ଅର୍ଥ ଖର୍ଚ୍ଚ ହେଉଥିବାବେଳେ କାର୍ଯ୍ୟ ସମୟରେ ବିଭାଗୀୟ ଅଧିକାରୀ ତଦାରଖ କରିବା ଆବଶ୍ୟକତା ରହିଛି। ବର୍ତ୍ତମାନ ରାସ୍ତା ଉପରେ ଯେଉଁ ଭଳି ମେଟାଲ୍ ବିଛା ଯାଇଛି ଦୁର୍ଘଟଣା ବୃଦ୍ଧି ପାଇବା ଆଶଙ୍କା ରହିଛି। ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।



# ସୁଦୃଢ଼, ସଶକ୍ତ ଭାରତ ଗଢ଼ିବାକୁ ଶପଥ

## ଡିଏଲ୍‌ଏସ୍ ପକ୍ଷରୁ ବିଶ୍ୱ ଛାତ୍ର ଦିବସ ପାଳିତ

ରାୟଗଡା ଅଫିସ, ୧୭।୧୦

ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍) ପକ୍ଷରୁ ଅନ୍‌ଲାଇନ ମାଧ୍ୟମରେ ବିଶ୍ୱ ଛାତ୍ର ଦିବସ ପାଳିତ ହୋଇଯାଇଛି। ଆଇନ ସେବା ପ୍ରାଧିକରଣ ସମ୍ପାଦକ ମନୋରଞ୍ଜନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଦେୱାନୀ ବିଚାରପତି ଶତରୂପା ଶତପଥୀ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାଧୀକରଣ ସମ୍ପାଦକ ମନୋରଞ୍ଜନ ମିଶ୍ର ଲୋକପ୍ରିୟ ରାଷ୍ଟ୍ରପତି ଏ.ପି.ଜେ ଅବଦୁଲ କାଲାମଙ୍କ ଜିବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ସମସ୍ତେ ଏକ ସୁଦୃଢ, ସଶକ୍ତ ଭାରତବର୍ଷ ଗଢି ତୋଳିବାର ସଂକଳ୍ପ ନେବାକୁ ସେ ଆହ୍ୱାନ ଦେଇଥିଲେ। ଏ.ପି.ଜେ ଅବଦୁଲ କାଲାମଙ୍କ ଅଗ୍ନିର ଡେଣା ବହିଟି ପଢିବାକୁ ବିଚାରପତି ଶତରୂପା ଶତପଥୀ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସେଣ୍ଟ ଜାଭିୟର, ସେକ୍ରେଡ ହାର୍ଟ ହାଇସ୍କୁଲ ଏବଂ ଆର୍.ଏସ୍.ଇ.ଡବ୍ଲ୍ୟୁ.ସି ହାଇସ୍କୁଲର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ୧୦ ଜୁଆଡ଼ି ଗିରଫ

ବ୍ରହ୍ମପୁର ଅଫିସ,୧୭।୧୦: ଟାଉନ ଥାନା ପୋଲିସ ପୃଥକ୍ ଦୁଇଟି ଜୁଆ ଆଡ୍ଡାରେ ଚଢ଼ାଉ କରି ୧୦ ଜୁଆଡ଼ିଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ୨୦,୩୩୦ଟଙ୍କା ଜବତ କରିଥିବା କହିଛି। ଗେଟ୍‌ବଜାର ଓଆରଟି କଲୋନୀରେ ଜଣେ ମହିଳା ନିଜ ଘରେ ଜୁଆ ଆଡ୍ଡା ଚଳାଇଥିବା ବେଳେ ପୋଲିସ ସେଠାରେ ଚଢ଼ାଉ କରିଥିଲା। ୪ ଜୁଆଡ଼ିଙ୍କୁ କାବୁ କରିଥିବା ବେଳେ ସେମାନଙ୍କଠାରୁ ୮୧୦୦ଟଙ୍କା ଜବତ କରିଥିଲା। ଜୁଆ ଖେଳ ଚଳାଇଥିବା ମହିଳା ଜଣଙ୍କ ଫେରାର ହୋଇଯାଇଥିବା ପୋଲିସ କହିଛି। ମାମଲା ନମ୍ବର ୨୦୯/୨୧ ରେ ୪ ଜୁଆଡ଼ିଙ୍କୁ ଗିରଫ କରିଛି। ସେହିପରି ଗାନ୍ଧୀନଗରରେ ଚାଲିଥିବା ଏକ ଜୁଆ ଆଡ୍ଡାରୁ ୬ ଜୁଆଡ଼ିଙ୍କୁ ପୋଲିସ କାବୁ କରି ୧୨୩୦୦ ଟଙ୍କା ଜବତ କରିଛି। ମାମଲା ନମ୍ବର ୨୧୦/୨୧ ରେ ସେମାନଙ୍କୁ ପୋଲିସ ଗିରଫ କରିଛି। ପରେ ସମସ୍ତ ୧୦ଜଣଙ୍କୁ ଜାମିନରେ ଛଡ଼ାଯାଇଥିବା ପୋଲିସ କହିଛି।

### ପୂର୍ବ ଶତ୍ରୁତାରୁ ପରିବାରର ୩ ଜଣଙ୍କୁ ଆକ୍ରମଣ

କବିସୂର୍ଯ୍ୟନଗର,୧୭।୧୦( ଡି.ଏନ.ଏ.)

କବିସୂର୍ଯ୍ୟନଗର ସହର ବାଙ୍କୀ ବେହେରା ସାହିରେ ଶୁକ୍ରବାର ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁଇ ପରିବାର ମଧରେ ଗଣ୍ଡଗୋଳ ଘଟିଛି। ଉଭୟ ପକ୍ଷର ଆକ୍ରମଣ-ପ୍ରତିଆକ୍ରମଣରେ ଗୋଟିଏ ପରିବାରର ୩ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ବାବୁ ନାୟକ ଓ ତାଙ୍କ ଦୁଇ ପୁଅ ଶିବ ଓ ଶଙ୍କର । ସମସ୍ତ ଆହତଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥଲା। ଶିବଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆହତଙ୍କୁ ଉଦ୍ଧାର ପାଇଁ ଯାଇ ତାଙ୍କ ପରିବାରର ୨ ଜଣ ମହିଳା ମଧ ଆକ୍ରମଣର ଶିକାର ହୋଇଛନ୍ତି। ଏ ନେଇ ଉଭୟ ପକ୍ଷରୁ ସ୍ଥାନୀୟ ଥାନାରେ ନଂ.୪୨୭,୪୨୮/୨୧ରେ ଦୁଇଟି ମାମଲା ରୁଜୁ ହୋଇଛି। ନ୍ୟାୟ ପାଇଁ ଆହତମାନେ ରବିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନିରେ କହିଛନ୍ତି।

### ଆର୍ଯ୍ୟ ସମାଜର ବେଦ ପ୍ରବଚନ, ସତ୍‌ସଙ୍ଗ

ବ୍ରହ୍ମପୁର ଅଫିସ,୧୭।୧୦

ବ୍ରହ୍ମପୁର ଆର୍ଯ୍ୟ ସମାଜର ବେଦ ପ୍ରବଚନ ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆତ୍ମା ଓ ପରମାତ୍ମାଙ୍କ ସ୍ୱରୂପ ନେଇ ଆଲୋକପାତ କରିଥିଲେ। ବେଦ ଓ ଶାସ୍ତ୍ର ମନ୍ତ୍ର ଉପସ୍ଥାପନା ସହ ସ୍ୱଧ୍ୟାୟ, ସତ୍‌ସଙ୍ଗ ଓ ନିୟମିତ ପ୍ରାର୍ଥନା କରାଯିବାକୁ ଗୁରୁତ୍ୱ ଦେଇଥିଲେ। ସମାଜ ସଭାପତି କାହ୍ନୁ ବାଳକୃଷ୍ଣ ବିହାରୀ ଅଧକ୍ଷତା କରିଥିବା ବେଳେ ଭଦ୍ରମ୍ ଅନୁଷ୍ଠାନ ସଭାପତି ରାମଚନ୍ଦ୍ର ଦାସ ଓ ସମ୍ପାଦକ ବନମାଳୀ ଦାସ କାର୍ଯ୍ୟକ୍ରମରେ ଯୋଗଦେଇ ବର୍ତ୍ତମାନର ପରିପ୍ରେକ୍ଷୀରେ ବେଦପାଠର ପରିପ୍ରସାର ହେବା ଜରୁରୀ ବୋଲି ଦର୍ଶାଇଥିଲେ। ଯୁବଗୋଷ୍ଠୀ ବୈଦିକ ସିଦ୍ଧାନ୍ତ ବା ବୈଦିକ ପଦ୍ଧତିକୁ ଆପଣାଇଲେ ସନାତନ ଆର୍ଯ୍ୟାବର୍ତ୍ତର ହୃତ ଗୌରବ ଫେରି ପାଇବାର ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରାଯାଇଥିଲା।

